

# ମହାଭାରତର କଥା ଓ ବିଜ୍ଞାନ

ଶ୍ରୀ ସୁବ୍ରତ ସାହୁ

ଦ୍ୱିତୀୟ ଭାଗ

# ମହାଭାରତ କଥା ଓ ବିଜ୍ଞାନ



ଶ୍ରୀ ସୁବ୍ରତ ସାହୁ

ପ୍ରକାଶକ :
ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୧

ଲେଖକ :
ଶ୍ରୀ ସୁବ୍ରତ ସାହୁ
© ଶ୍ରୀମତୀ ସୁମିତ୍ରା ସାହୁ

ପ୍ରଥମ ପ୍ରକାଶ :
ପଣା ସଂକ୍ରାନ୍ତି, ୧୯୯୧

ମୁଦ୍ରଣ :
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩ ୦୦୧

ମୂଲ୍ୟ :
ଦଶ ଟଙ୍କା ।

# ସାମାନ୍ୟକଥନ

ପୁରାଣମାନଙ୍କରେ ଦେବଦେବୀଙ୍କ କାହାଣୀ ସାଙ୍ଗରେ କେତେଗୁଡ଼ିଏ କବି-କଳ୍ପନା ଯୋଡ଼ାଯାଇଛି ବୋଲି ଆମଭିତରୁ ବହୁ ଲୋକଙ୍କର ଧାରଣା । ସେ କାଳର କଳ୍ପନାକୁ ଆଜିକାଲିର ବିଜ୍ଞାନର କରାମତି ସାଙ୍ଗରେ ତୁଳନା କଲେ ମନେ ହୁଏ, ପୁରାଣକାରମାନଙ୍କ କଳ୍ପନା କଦାପି ଭିତ୍ତିହୀନ ନୁହେଁ; ବରଂ ପୂରାପୂରି ବୈଜ୍ଞାନିକ ଚିନ୍ତାଧାରା ଉପରେ ପ୍ରତିଷ୍ଠିତ । ପଚାଶ-ଷାଠିଏ ବର୍ଷତଳେ ଯେଉଁମାନେ ଚନ୍ଦ୍ରଲୋକକୁ ଯାତ୍ରା କରିବା କଥା ବା ଉପନ୍ୟାସ ଲେଖିଥିଲେ, ସେତେବେଳେ ସିନା ସେମାନେ ଉପହାସର ପାତ୍ର ହୋଇଥିଲେ, ଏବେ କିନ୍ତୁ ସେମାନଙ୍କୁ ଭବିଷ୍ୟତଦ୍ରଷ୍ଟା କୁହାଯାଉଛି । ଆମର ପୁରାଣକାରମାନେ ମଧ୍ୟ ବିଜ୍ଞାନର ଭବିଷ୍ୟତଦ୍ରଷ୍ଟା ଥିଲେ । ଆପାତତଃ ସେହି ସତ୍ୟତା ପ୍ରମାଣ କରିବା ଏହି ବହିଟିର ଉଦ୍ଦେଶ୍ୟ ।

ଏ ଦିଗରେ ମୋର ବାପା ମା ମୋତେ ବେଶ୍ ଉତ୍ସାହ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଭବିଷ୍ୟତର ଅନୁସନ୍ଧିତ୍ସୁ ଲେଖକ, ବୈଜ୍ଞାନିକ ଓ ମୋର କୁନିକୁନି ଭାଇ-ଭଉଣୀମାନେ ଏହାର ଉପାଦେୟତା ଅନୁଭବ କଲେ ମୁଁ କୃତାର୍ଥ ହେବି ।

—ଲେଖକ

# ସୂଚିପତ୍ର


ଦ୍ୱାରକା ମାୟା ନୁହେଁ, ଭୌଗୋଳିକ ସତ୍ୟ △ ୫

ବଳରାମଙ୍କ ଜନ୍ମ ଓ ଭ୍ରୂଣ ରୋପଣ △ ୧୧

ଶିଖଣ୍ଡୀ : ଝିଅଟିଏ ପୁଅ ହେବା ସମ୍ଭବ କି ? △ ୧୫

ଶ୍ରୀ ଗାଲବ ଓ ସୁଦର୍ଶନ ଚକ୍ର △ ୨୦

ଦ୍ରୌପଦୀଙ୍କ ଅନନ୍ତପାତ୍ର ଓ ତାର ବୈଜ୍ଞାନିକ ସମ୍ଭାବନା △ ୨୫

ଦିବ୍ୟାସ୍ତ୍ର ଓ ଏ ଯୁଗର କ୍ଷେପଣାସ୍ତ୍ର △ ୩୦

ଅଭିମନ୍ୟୁଙ୍କ ଚକ୍ରବ୍ୟୂହ-ଭେଦଜ୍ଞାନ △ ୩୬

ଜୟଦ୍ରଥ ବଧ କାହାଣୀରେ ତିନୋଟି ଆଶ୍ଚର୍ଯ୍ୟ କଥା △ ୪୧

ଘଟୋତ୍କଚ ଓ ନକ୍ଷେତ୍ର ଯୁଦ୍ଧ △ ୪୬

କର୍ଣ୍ଣଙ୍କ କବଚ ଅସମ୍ଭବ କଳ୍ପନା ନୁହେଁ △ ୫୦

ଯୁଧିଷ୍ଠିରଙ୍କ ରଥ ଓ ହୋଭରକ୍ରାଫ୍ଟ △ ୫୬

# ଦ୍ୱାରକା ମାୟା ନୁହେଁ, ଭୌଗୋଳିକ ସତ୍ୟ

ମହାଭାରତ ଯୁଦ୍ଧ ସରିବାର ଛତିଶ ବର୍ଷ ବିତି ଯାଇଥାଏ । ସେତେବେଳେ ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥରେ ଶାସନ କରୁଥିଲେ । ଥରେ ବିଶ୍ୱାମିତ୍ର, କଣ୍ୱ ଓ ନାରଦ ଦ୍ୱାରକା ଦର୍ଶନରେ ଯାଇଥିଲେ । ସେମାନେ ଦ୍ୱାରକା ସହରରେ ବୁଲୁଥିବାବେଳେ ଯଦୁବଂଶର କେତେକ ଦୁଷ୍ଟ ଯୁବକ ଋଷିମାନଙ୍କୁ ଥଟ୍ଟା କରିବାପାଇଁ କୃଷ୍ଣଙ୍କ ପୁଅ ଶାମ୍ବଙ୍କୁ ଗୋଟିଏ ଗର୍ଭବତୀ ନାରୀ ବେଶରେ ସଜାଇ ସେମାନଙ୍କ ପାଖକୁ ନେଇଗଲେ ଓ ପଚାରିଲେ, "ମୁନିମାନେ, ଏ ହେଉଛି ବଭ୍ରୁର ସ୍ତ୍ରୀ । ପୁତ୍ର ସନ୍ତାନ ପାଇବା ତାର ଇଚ୍ଛା । ଆପଣମାନେ ତ ସବୁ ଜାଣନ୍ତି । କହିଲେ ଦେଖି ତାର ପୁଅଟିଏ ହେବ ନା ଝିଅଟିଏ ?"

ଏ ଛଳନା ଓ ଥଟ୍ଟାରେ ମୁନିମାନଙ୍କୁ ଅପମାନ ଲାଗିଲା । ସେମାନେ ଖୁବ୍ ରାଗିଗଲେ ଏବଂ କ୍ରୋଧରେ ଅଭିଶାପ ଦେଲେ–"ଅସଭ୍ୟଗୁଡ଼ାକ ! କୃଷ୍ଣଙ୍କ ଏହି ପୁଅ ଗୋଟିଏ ଲୁହାର ମୂଷଳ ଜନ୍ମଦେବ, ଆଉ ସେହି ମୂଷଳ ଅନ୍ଧକ ଓ ବୃଷ୍ଣୀ ବଂଶର ସର୍ବନାଶ କରିବ ।"

ସତକୁ ସତ, ଶାମ୍ବ ତହିଁ ଆରଦିନ ଗୋଟିଏ ଲୁହା ମୂଷଳ ଜନ୍ମ ଦେଲା । ତା' ସାଙ୍ଗମାନେ ଖୁବ୍ ଡରିଗଲେ । ରାଜା ଉଗ୍ରସେନଙ୍କ ପାଖରେ ସବୁ କଥା କହି ମୂଷଳଟିକୁ ତାଙ୍କୁ ଦେଲେ । ଅନ୍ୟ କୌଣସି ବୁଦ୍ଧି ନ ପାଇ ଉଗ୍ରସେନ ଆଦେଶ ଦେଲେ–"ଏହାକୁ ନେଇଯାଅ, ଘୋରି ଘୋରି ପାଉଁଶ କରିଦିଅ । ପାଉଁଶକୁ ସମୁଦ୍ରରେ ଫୋପାଡ଼ି ଦିଅ ।"

ବହୁତ ଲୋକ କାମରେ ଲାଗିଗଲେ । ଲୁହା ମୂଷଳକୁ ଘୋରି ଘୋରି ଗୁଣ୍ଡ କରି ଲୁହାଧୂଳିସବୁ ସମୁଦ୍ର ଗର୍ଭରେ ପକାଇଦେଲେ । ଅନ୍ଧକ ଓ ବୃଷ୍ଣୀ ବଂଶମଧ୍ୟରେ ଝଗଡ଼ା–ଝାଟି ବନ୍ଦ କରିବାପାଇଁ ଦ୍ୱାରକାରେ ମଦ ପିଇବା ବନ୍ଦ କରିଦିଆଗଲା । ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲା । ଦ୍ୱାରକା ନଗରବାସୀ ଏ ଘଟଣା ଭୁଲିଗଲେ ।

ଚୂର୍ଣ୍ଣ କରଯାଇଥିବା ଯେଉଁ ଲୁହା ଗୁଣ୍ଡଗୁଡ଼ିକ ପ୍ରଭାସ କୂଳରେ ଲାଗିଥିଲା, ତହିଁରୁ ଏରକା ଘାସର ବଣ ସୃଷ୍ଟି ହେଲା । ଶ୍ରୀକୃଷ୍ଣ ଦେଖିଲେ ଯେ ଯାଦବ ଜାତି ଅତି ଉଚ୍ଛୃଙ୍ଖଳ ହୋଇପଡ଼ୁଛି । କୃଷ୍ଣ ଓ ବଳରାମଙ୍କ ଗଲାପରେ ଏମାନଙ୍କ ଅତ୍ୟାଚାର କୁରୁ ଓ ଜରାସନ୍ଧର ଅତ୍ୟାଚାରଠାରୁ ବଳିଯିବ । ଏ ଶକ୍ତିକୁ ପୂରାପୂରି ଭାଙ୍ଗିଦେବା ଉଚିତ । ନଚେତ୍ ଆଗାମୀ କଳିଯୁଗରେ ଏହି ଶକ୍ତି ଓ ସାମର୍ଥ୍ୟର ଦୁର୍ବ୍ୟବହାର କେତେ ଦୂର ଯିବ, କିଏ କହିବ ?

ଶ୍ରୀକୃଷ୍ଣ ମୁନିମାନଙ୍କ ଅଭିଶାପ ଶୁଣିଥିଲେ । ସେ କୌଶଳ କରି ଦ୍ୱାରକାର ସବୁ ଅଧିବାସୀଙ୍କୁ ଗୋଟିଏ ବଡ଼ ଭୋଜିକୁ ଡାକିଲେ । ଦ୍ୱାରକାରେ ମଦ ପିଇବା ନିଷେଧ ଥିବାରୁ ପ୍ରଭାସରେ ଏହି ଭୋଜିର ଆୟୋଜନ ହେଲା ।

ମଦ ସାଙ୍ଗରେ ଖେଳ, ଖେଳରୁ ଥଟ୍ଟା, ଥଟ୍ଟାରୁ ଝଗଡ଼ା ଏମିତି ଚାଲିଲା । ମଦନିଶାରେ ଭୋଳ ହୋଇ ସାତ୍ୟକି କୃତବର୍ମାଙ୍କୁ ତାଚ୍ଛଲ୍ୟ କରି କହିଲା, "ଅଶ୍ୱତ୍ଥାମାଙ୍କସହ ମିଶି ଛଳ କରି କୃତବର୍ମା ଧୃଷ୍ଟଦ୍ୟୁମ୍ନଙ୍କୁ ମାରିଦେଲା । ଏ କ୍ଷତ୍ରିୟର ବାହାଦୁରୀ ନୁହେଁ ।" ମାତାଲ କୃତବର୍ମା କହିଲା, "ସାତ୍ୟକି ନିରସ୍ତ୍ର ଭୁରିଶ୍ରବାକୁ ମାରିଦେବା କେଉଁ କ୍ଷତ୍ରିୟର ଧର୍ମ କି ?" ଏ ଭଳି ଯୁକ୍ତିରୁ କ୍ରୋଧ ଜର୍ନ୍ମିଲା । ସାତ୍ୟକି ଖଣ୍ଡା ଉଠାଇ ଏକା ଚୋଟରେ କୃତବର୍ମାଙ୍କ ମୁଣ୍ଡଟିକୁ କାଟିଦେଲା ।

ଅନ୍ୟମାନେ କିଏ କାହା ପକ୍ଷ ନେବା ଆରମ୍ଭ କଲେ ଓ ଝଗଡ଼ା ବଢ଼ିଗଲା । ହାତାହାତି ଯୁଦ୍ଧ ହେଲା । ହାଣ୍ଡି, ବାଟି,ଥାଳି ତଥା ଭୋଜିର ଉପକରଣ ସବୁ ବ୍ୟବହୃତ ହେଲା । ସାତ୍ୟକିକୁ ରକ୍ଷା କରିବାକୁ ପ୍ରଦ୍ୟୁମ୍ନ ମିଶିଗଲା । କିନ୍ତୁ ଅନ୍ୟମାନଙ୍କ ସଂଖ୍ୟାଗରିଷ୍ଠତା ଯୋଗୁ ସାତ୍ୟକି ଓ ପ୍ରଦ୍ୟୁମ୍ନ ଦୁହିଁଙ୍କ ଅଳ୍ପ ସମୟ ମଧ୍ୟରେ ମୃତ୍ୟୁ ଘଟିଲା ।

ତାଙ୍କ ପୁଅ ଓ ପ୍ରିୟ ବନ୍ଧୁର ହତ୍ୟା ଦେଖି ଶ୍ରୀକୃଷ୍ଣ ମଧ୍ୟ ରାଗିଗଲେ । ପାଖରେ ବଢ଼ୁଥିବା ଏରକା ବୁଦାଟିଏ ଉପାଡ଼ିଲେ । ତତ୍‌କ୍ଷଣାତ୍ ତାଙ୍କ ହାତରେ ସେ ବୁଦା ଗୋଟିଏ ଲୁହାର ମୂଷଳ ହୋଇଗଲା । ଶ୍ରୀକୃଷ୍ଣ ନିଜେ ଯୁଦ୍ଧରେ ଭାଗ ନେଲେ । ବହୁ ଯାଦବଙ୍କୁ ମାରିଦେଲେ । ତାଙ୍କୁ ଦେଖି ଅନ୍ୟମାନେ ମଧ୍ୟ ଏରକା ବୁଦା ଉପାଡ଼ି ଆଣିଲେ । ଯୁଦ୍ଧ ଗୁରୁତର ହେଲା । ତାଙ୍କ ଇଚ୍ଛା ପୂର୍ଣ୍ଣ ହେଉଥିବା ଜାଣି ଶ୍ରୀକୃଷ୍ଣ ଦୂରରେ ଛିଡ଼ାହୋଇ ଏ ସବୁ ଦେଖିଲେ ।

ସେ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ପରିବାର ନିଶ୍ଚିହ୍ନ ହୋଇଗଲା । କେବଳ ବଭ୍ରୁ ତାର ମନ୍ତ୍ରୀ, ଦାରୁକ ଓ ତା'ର ସାରଥି ବଞ୍ଚିଗଲେ ।

ଶ୍ରୀକୃଷ୍ଣ ଦାରୁକକୁ କହିଲେ, "ତୁମେ ହସ୍ତିନାପୁର ଯାଇ ଅର୍ଜୁନକୁ ଏ ଦୁର୍ଘଟଣାର ଖବର ଦିଅ । ସେ ଆସି ଦ୍ୱାରକାର ନାରୀ ଓ ପିଲାମାନଙ୍କୁ ନେଇ-ଯିବେ ।" ଦାରୁକ ରଥ ନେଇ ଗଲାପରେ ଶ୍ରୀକୃଷ୍ଣ ଅର୍ଜୁନ ପହଞ୍ଚିବାପର୍ଯ୍ୟନ୍ତ ଯାଦବ ନାରୀ ଓ ପିଲା ଛୁଆଙ୍କ ସୁରକ୍ଷାପାଇଁ ବଭ୍ରୁକୁ ଦ୍ୱାରକା ପଠାଇଲେ । କିନ୍ତୁ ବାଟରେ ବଭ୍ରୁ ଗୋଟିଏ ଅଜଣା ତୀରର ଆଘାତରେ ମୃତ୍ୟୁବରଣ କଲା ।

ଶ୍ରୀକୃଷ୍ଣ ଏକା ଫେରିଲେ ଦ୍ୱାରକାକୁ । ପିତା ବସୁଦେବଙ୍କୁ ସବୁକଥା କହିଲେ । କାନ୍ଦୁଥିବା ସ୍ତ୍ରୀ ଲୋକମାନଙ୍କୁ ଆଶ୍ୱାସନା ଦେଇ ସେ ବଳରାମଙ୍କ ପାଖକୁ ଫେରିଗଲେ ।

ବଳରାମଙ୍କ ପାଟିରୁ ଗୋଟିଏ ବିରାଟ ଧଳା ସାପ ବାହାରି ସମୁଦ୍ରରେ ଲୁଚିଗଲା । ବଳରାମ ଦେହତ୍ୟାଗ କଲେ । ଚିନ୍ତିତ ହୋଇ ଶ୍ରୀକୃଷ୍ଣ ଦ୍ୱାରକାର ଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛତଳେ ଯୋଗ ନିଦ୍ରାରେ ଶୋଇଗଲେ ।

ଜରା ନାମକ ଜଣେ ଶିକାରୀ ହରିଣ ଖୋଜି ଖୋଜି ସେଠାରେ ପହଞ୍ଚିଲା । ଦୂରରୁ ଜଙ୍ଗଲରେ ଶ୍ରୀକୃଷ୍ଣଙ୍କ ଅଧା ଲୁଚ୍ଚ ପାଦ ଦୁଇଟି ହରିଣର କାନ ଭଳି ଦିଶୁଥିଲା । ଜରା ଶରଟିଏ ଛାଡ଼ି ଦେଲା । ଗାନ୍ଧାରୀର ଅଭିଶାପ ଥିଲା । ଏହିଭଳି ଶ୍ରୀକୃଷ୍ଣଙ୍କ ଦେହାନ୍ତ ହେଲା ।

ଇତିମଧ୍ୟରେ ଅର୍ଜୁନ ଦ୍ୱାରକାରେ ପହଞ୍ଚିଲେ । ସେଠାରେ ଶ୍ରୀକୃଷ୍ଣଙ୍କ ମୃତ୍ୟୁର ଖବର ପାଇ ଓ ଶହ ଶହ ନାରୀଙ୍କ କାନ୍ଦଣା ଶୁଣି ଭଙ୍ଗ ପଡ଼ିଲେ ଓ ମୂର୍ଚ୍ଛା ଗଲେ ।

ହସ୍ତିନାପୁରକୁ ଯିବାପାଇଁ ଜୋରସୋରରେ ବ୍ୟବସ୍ଥା ଚାଲିଲା । ସାତ ଦିନ ଭିତରେ ଦ୍ୱାରକାର ଅଧିବାସୀମାନେ ବାହାରିପଡ଼ିଲେ ।

ସମସ୍ତେ ଦ୍ୱାରକା ପାରହୋଇ ଗଲାକ୍ଷଣି ସମୁଦ୍ର ମାଡ଼ି ଆସିଲା; ଦ୍ୱାରକା ଧୀରେ ଧୀରେ ବୁଡ଼ିଗଲା ।

ଦ୍ୱାରକାର ସୃଷ୍ଟିମଧ୍ୟ ଏହିଭଳି ଆକସ୍ମିକ । ଜରାସନ୍ଧ କବଳରୁ ରକ୍ଷା ପାଇବାପାଇଁ ଯେତେବେଳେ ଯାଦବମାନେ ପଳାଉଥିଲେ, ପ୍ରଭାସ ନିକଟରେ

ସମୁଦ୍ର ଭିତରୁ ଗୋଟିଏ ଦ୍ୱୀପ ବାହାରିଥିବାର ଶ୍ରୀକୃଷ୍ଣ ଦେଖିଥିଲେ । ସେହିଠାରେ ବସବାସ କଲେ ଜରାସନ୍ଧର ବାରମ୍ବାର ଆକ୍ରମଣରୁ ରକ୍ଷା ମିଳିବ ବୋଲି ସେ ମଥୁରାରୁ ଦ୍ୱାରକାକୁ ରାଜଧାନୀ ଉଠାଇ ଆଣିଥିଲେ । ଦ୍ୱୀପଟିଏ ଆବିର୍ଭାବ ହେବା ଓ କିଛି ଦିନପରେ ପୁଣି ଉଭେଇଯିବା କଳ୍ପନାର କଥା ବୋଲି ଆଗକାଳରେ ଲୋକେ ଭାବୁଥିଲେ । ତେଣୁ ଦ୍ୱାରକାର ଉତ୍ପତ୍ତି ଓ ଧ୍ୱଂସ ଭଗବାନଙ୍କର ମାୟାର ଫଳ ବୋଲି ଲୋକେ କହନ୍ତି । କିନ୍ତୁ ଏବେ ଗୁଜୁରାଟର ସମୁଦ୍ର କୂଳରେ ଦ୍ୱାରକା ଭଳି ଗୋଟିଏ ପ୍ରାଚୀନ ସହର ତଥା ବନ୍ଦରର ଚିହ୍ନ ମିଳିଲାଣି । ଦ୍ୱାରକାଭଳି ଦ୍ୱୀପଟିଏ ତିଆରି ହେବା ଓ କିଛି ଦିନପରେ ପୁଣି ସମୁଦ୍ର ଗର୍ଭରେ ବିଲୀନ ହେବା ଘଟଣା ଗୋଟାଏ ଐତିହାସିକ ସତ୍ୟ ଏବଂ ଭୌଗୋଳିକ ବିଜ୍ଞାନ ।

ଭୂପୃଷ୍ଠରେ ଯେପରି, ସମୁଦ୍ର ତଳେ ମଧ୍ୟ ସେହିପରି ଆଗ୍ନେୟଗିରି ଅଛି । ତାହା ଲାଭା ଛାଡ଼ିଲେ ସମୁଦ୍ର ପାଣିରେ ଥଣ୍ଡାହୋଇ ସେହିଠାରେ ଜମାଟ ବାନ୍ଧିଯାଏ । ବିସ୍ତୃତ ଲାଭା କଠିନ ହୋଇ ପାଣି ଉପରକୁ ଦିଶିଗଲେ ଆମେ ତାକୁ ଦ୍ୱୀପ କହୁ । ପରେ ଆଉ କେତେବେଳେ ଆଗ୍ନେୟଗିରି ବିସ୍ଫୋରଣ ହେଲେ ଏହି ଦ୍ୱୀପ ଫାଟି ଖଣ୍ଡ ଖଣ୍ଡ ହୋଇପାରେ ଏବଂ ସମୁଦ୍ରପାଣିର ଉଚ୍ଚ ଢେଉରେ ଦ୍ୱୀପର ଦିଶୁଥିବା ଅଂଶ ଧୋଇ ହୋଇଗଲେ ଦ୍ୱୀପଟି ବୁଡ଼ିଯାଇପାରେ ।

ସୁପରିଚିତ ୟୁନାନୀ (ଗ୍ରୀକ୍) ଦାର୍ଶନିକ, ଶିକ୍ଷକ ଓ ଲେଖକ ପ୍ଲାଟୋ ଆଟ୍ଲାଣ୍ଟିସ୍ ନାମକ ଗୋଟିଏ ଦ୍ୱୀପର ଖୁବ୍ ରୋମାଞ୍ଚକାରୀ ବର୍ଣ୍ଣନା କରିଛନ୍ତି । ଅନୁମାନ କରାଯାଏ ଯେ ତାହା ଭୂମଧ୍ୟସାଗରରେ ଅବସ୍ଥିତ ଥିଲା ଏବଂ ଇଉରୋପ ଓ ଆଫ୍ରିକାବ୍ୟାପୀ ଏକ ବିଶାଳ ଓ ଶକ୍ତିଶାଳୀ ସାମ୍ରାଜ୍ୟର ପୂର୍ବରୂପ ଥିଲା । କିନ୍ତୁ ହଠାତ୍ ତାହା ଲୋପ ପାଇଗଲା । ଆଜିର ଭୂତତ୍ତ୍ୱବିତ୍ମାନେ ଅନୁମାନ କରୁଛନ୍ତି ଯେ ଅକସ୍ମାତ ଆଗ୍ନେୟଗିରି ସୃଷ୍ଟି ହେବାରୁ ଆଟ୍ଲାଣ୍ଟିସ୍ ଦ୍ୱୀପଟି ସାଙ୍ଗେ ସାଙ୍ଗେ ବୁଡ଼ି ଯାଇଥିଲା । ଏହା ଅସମ୍ଭବ ନୁହେଁ । କାରଣ ଆଜି ମଧ୍ୟ ଭୂମଧ୍ୟ-ସାଗରର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶେଷତଃ ଇଟାଲିରେ ଅନେକ ଜୀବନ୍ତ ଆଗ୍ନେୟଗିରି ଅଛି । ଆଟଲାଣ୍ଟିସ୍‌ରେ ଯେଉଁ ଆଗ୍ନେୟଗିରି ବିସ୍ଫୋରଣ ହୋଇଥିବ, ତାହା ହଠାତ୍ ଘଟିଥିବ, ତେଣୁ ଦ୍ୱାରକାଭଳି ଲୋକେ ଖସି ପଳାଇବାକୁ ସମୟ ପାଇ ନଥିବେ । ସମ୍ଭବତଃ ଶ୍ରୀକୃଷ୍ଣଙ୍କୁ ଦ୍ୱାରକା ନଷ୍ଟ ହେବାର ସଙ୍କେତ ମିଳିଥିଲା । ଭୂକମ୍ପନମାପକ ଯନ୍ତ୍ର ଓ ଭୂଗର୍ଭରେ କେତେଗୁଡ଼ିଏ ଅନୁ-

ସନ୍ଧାନୀ ଯନ୍ତ୍ର ପୋତିରଖି ଆଜିକାଲି ବୈଜ୍ଞାନିକମାନେ କହିପାରୁଛନ୍ତି, ଭୂମି କେତେ ପରିମାଣରେ ତଳକୁ ଖସୁଛି, କେତେଦିନ ଭିତରେ ପାଣିରେ ବୁଡ଼ିଯିବ, କେଉଁଠାରେ କେବେ ଭୂକମ୍ପ ହୋଇପାରେ, କେଉଁଠାରେ ଫାଟ ପଡ଼ିବ ଇତ୍ୟାଦି ।

୧୯୬୩ ନଭେମ୍ବର ୧୪ରେ ଆଇସ୍‌ଲଣ୍ଡ ଦେଶ ପାଖରେ ଗୋଟିଏ ନୂଆ ଦ୍ୱୀପ ଜନ୍ମନେଲା । ତା'ର ନାମ ସର୍ଟସେ (Surtsey) । ଦୁଇ କିଲୋମିଟର ଲମ୍ବ, ୧୮୦ମିଟର ଉଚ୍ଚ ଏହି ଦ୍ୱୀପଟିରେ ଆସ୍ତେ ଆସ୍ତେ ଗଛଲତା ଉଠିଲାଣି । କେତେକ ପ୍ରକାର ପକ୍ଷୀ ରହିଲେଣି । ଆଇସ୍‌ଲଣ୍ଡର ଧୀବରମାନେ ମାଛଧରିବା ପାଇଁ ଏହି ଦ୍ୱୀପକୂଳକୁ ଯାଉଛନ୍ତି । କିନ୍ତୁ ଏବେ ଜଣାପଡ଼ିଲା ଯେ ସର୍ଟସେ ଦ୍ୱୀପଟି ଧୀରେ ଧୀରେ ଦବୁଛି । ସମୁଦ୍ରର ଜୁଆର ଓ ଢେଉ ଦ୍ୱୀପଟିର ଶୁଖିଲା ଜିଲା ଭାଗକୁ ଧୀରେ ଧୀରେ ଖାଇଯାଉଛି । ଆଉ କେତେକ ବର୍ଷରେ ଦ୍ୱୀପଟି ନିଶ୍ଚିହ୍ନ ହୋଇଯିବ ।

ନୂଆ ଭୂମି ସୃଷ୍ଟି ହେବାର ଆଉ ଗୋଟିଏ କାରଣ ଅଛି । ସୃଷ୍ଟି ଆରମ୍ଭରେ ପୃଥିବୀ ଗୋଟିଏ ତରଳ ପିଣ୍ଡ ଥିଲା । କୋଟି କୋଟି ବର୍ଷ ମହାଶୂନ୍ୟରେ ଘୂରି ଘୂରି ଏହାର ଉପର ଥଣ୍ଡାହୋଇ ବକଲା ବାନ୍ଧି ଯାଇଛି । ଭିତରେ ତରଳ ଜିନିଷ, ଉପରେ ଶୁଖିଲା ବକଲା, ପୁଣି ପେଣ୍ଡୁଟା ଘୂରୁଛି,—ଏହାର ଫଳ କ'ଣ ହୁଏ ? ବକଲା ଫାଟି ଖଣ୍ଡ ଖଣ୍ଡ ହେବ, ଗୋଟିଏ ଖଣ୍ଡ ଆଉ ଗୋଟିଏ ଖଣ୍ଡକୁ ଠେଲିବ । ତା ତଳେ ପଶିଯିବ, ନ ହେଲେ ଉପରେ ଚଢ଼ିଯିବ । ଏହାକୁ ବୈଜ୍ଞାନିକମାନେ ଇଂରାଜୀରେ ଟେକ୍‌ଟୋନିକ ମୁଭ୍‌ମେଣ୍ଟ (ଭୂଖଣ୍ଡ ଚଳନ) କହନ୍ତି । ଯେଉଁଠି ଗୋଟିଏ ଭୂଖଣ୍ଡ (ଇଂରାଜୀରେ ପ୍ଲେଟ୍ ବା ଥାଳି) ଆଉ ଗୋଟିଏ ଭୂଖଣ୍ଡ ଧାରସହିତ ଠେଲି ହୁଏ; ସେଠାରେ ଭୂଇଁ ଉଚ୍ଚ ହୋଇଯାଏ ଏବଂ ନୂଆ ସ୍ଥଳଭାଗ ତିଆରି ହୁଏ, କିମ୍ବା ତଳେ ପଶିଯିବା ଭୂଖଣ୍ଡର କିଛି ଅଂଶ ନିଶ୍ଚିହ୍ନ ବି ହୋଇପାରେ । ଏଭଳି ପ୍ରକ୍ରିୟାରେ ଯେଉଁ ନୂଆ ଭୂଇଁ ତିଆରି ହୁଏ ତାହା ଗୋଟିଏ ଦ୍ୱୀପ ନ ହୋଇ ବଡ଼ ଭୂଖଣ୍ଡ ହୋଇଥାଏ । ଭାରତର ଦାକ୍ଷିଣାତ୍ୟ ଓ ଚୀନର ତିବ୍ବତ ମଝିରେ ଦିନେ ଟେଥିସ୍ ନାମକ ଗୋଟିଏ ସମୁଦ୍ର ଥିଲା । ଭୂଖଣ୍ଡ ଚଳନ ଫଳରେ ଦାକ୍ଷିଣାତ୍ୟ ଭୂଖଣ୍ଡ ଆଫ୍ରିକା ଓ ଆଣ୍ଟାର୍କଟିକା ଭୂଖଣ୍ଡରୁ ଛିନ୍ନ ହୋଇ ଉତ୍ତରମୁହାଁ ହେଲା । କାଳକ୍ରମେ ଯେତେବେଳେ ତିବ୍ବତ ଥାଳି ତଳେ ଠେଲିହୋଇ ପଶିଲା, ସେତେବେଳେ ହିମାଳୟ ଜନ୍ମନେଲା । ହିମାଳୟ ଓ

ଦାକ୍ଷିଣାତ୍ୟ ମଝିରେ ସାଗର ଅଗଭୀର ହୋଇଗଲା । ହିମାଳୟରୁ ବାଲି, ମାଟି ଖସି ଖସି ଏହିଠାରେ ଗଙ୍ଗା-ଯମୁନାର ଉର୍ବର ଉପତ୍ୟକା ତିଆରି ହେଲା ।

ଦ୍ୱାରକା ଭୂଖଣ୍ଡ ଚଳନ ଯୋଗୁ ତିଆରି ହୋଇ ନାହିଁ । ହିମାଳୟରୁ ମାଟି ଗୋଡ଼ି ବୋହି ବୋହି ଯେପରି ଗାଙ୍ଗେୟ ଉପତ୍ୟକା ତିଆରି ହୋଇଛି, ସେହିଭଳି କୌଣସି ନଦୀ ମୁହାଣରେ ବର୍ଷ ବର୍ଷ ଧରି ନଦୀ ପ୍ରବାହରେ ବୋହି ଆସୁଥିବା ଗୋଡ଼ି, ମୋରମ, ମାଟି, ବାଲି ଇତ୍ୟାଦି ଜମାହୋଇ ଦ୍ୱୀପ ସୃଷ୍ଟି କରିପାରେ । ଏପରି ଦ୍ୱୀପ ତିଆରି ହେଉଥିଲାବେଳେ ଜଣାପଡ଼େ ନାହିଁ, କିନ୍ତୁ ଦିନେ କମ୍ ଜୁଆର ବେଳେ ଲୋକେ ତାକୁ ଦେଖନ୍ତି । ଗଛଲତା, ପଶୁପକ୍ଷୀ ଆଶ୍ରୟ ନେଲେ ଲୋକେ ବି ବସବାସ କରିବାକୁ ଚାହାନ୍ତି ।

ଏଭଳି ସୃଷ୍ଟି ହେଉଥିବା ଦ୍ୱୀପ ସ୍ଥାୟୀ ହୋଇପାରେ, ଅସ୍ଥାୟୀ ବି ହୋଇପାରେ । ଦ୍ୱୀପ ବା ଚରର ଅସ୍ଥାୟୀ ହେବାର କାରଣ ତାର ମୂଳଦୁଆ ଟାଣ ନୁହେଁ, ନରମ ମାଟି ଓ ବାଲିକୁ ସମୁଦ୍ର ଜୁଆର ଓ ନଦୀର ସୁଅ ଖାଇ ଦିଏ; ଦ୍ୱୀପର ତଳ ଅଂଶ ଧୋଇହୋଇଗଲେ ଦ୍ୱୀପଟି ଦିନେ ବସିଯିବ ଅର୍ଥାତ୍ ବୁଡ଼ିଯିବ । ଦ୍ୱାରକାରେ ତାହା ହିଁ ହୋଇଥିଲା । କିନ୍ତୁ ଯେଉଁ ନଦୀ ମୁହାଣରେ ଦ୍ୱାରକା ଥିଲା, ଏ ତିନି ହଜାର ବର୍ଷମଧ୍ୟରେ ତାହା କେବେଠୁ ପୋତି ହୋଇ ଯାଇଛି; ଏବେ ତାର ଚିହ୍ନ ବର୍ଣ୍ଣ ନାହିଁ ।

୧୯୭୦ରେ ବଙ୍ଗୋପସାଗର ଝଡ଼—ତୋଫାନବେଳେ ଦ୍ୱାରକା ଭଳି ଗୋଟିଏ ଦ୍ୱୀପ ଗଙ୍ଗାମୁହାଣରେ ଦେଖାଗଲା । ୧୯୭୧ରେ ଭରତ ତାକୁ ପ୍ରଥମେ ଲକ୍ଷ୍ୟ କଲା । ତାର ନାମ "ନିଉମୁର ଆଇଲାଣ୍ଡ" ରଖାଗଲା । ୧୯୭୮ରେ ବାଙ୍ଗଲାଦେଶ ତାକୁ ନିଜର ବୋଲି ଦାବି କଲା । ଏବେ ସେହି ଦ୍ୱୀପ ଉପରେ କାହାର କର୍ତ୍ତୃତ୍ୱ ଭରତ ଓ ବାଙ୍ଗଲାଦେଶ ମଧ୍ୟରେ ମୀମାଂସା ହୋଇପାରୁ ନାହିଁ । କିନ୍ତୁ ବାଙ୍ଗଲାଦେଶର ଧୀବରମାନେ ସେଠାରେ ବସବାସ କରିବା ଆରମ୍ଭ କରିଦେଲେଣି ।

ବଡ଼ ବଡ଼ ନଦୀର ମୁହାଣ ପାଖରେ ସମୁଦ୍ରରେ ଯେ ଦ୍ୱୀପ ସୃଷ୍ଟି ହୋଇପାରେ, ଏକଥା ଯେଉଁମାନେ ଜାଣି ନ ଥିବେ, ସେମାନେ "ନିଉମୁର ଆଇଲାଣ୍ଡ"ର ସୃଷ୍ଟିକୁ ମାୟା ବୋଲି କହିବେ ।

# ବଳରାମଙ୍କ ଜନ୍ମ ଓ ଭ୍ରୂଣରୋପଣ

ମଥୁରାର ରାଜା ଉଗ୍ରସେନଙ୍କ ନଅ ପୁଅ ମଧ୍ୟରେ କଂସ ଥିଲା ବଡ଼ । ଉଗ୍ରସେନଙ୍କ ଭାଇ ଦେବକଙ୍କ ସାତଟି ଝିଅ ମଧ୍ୟରେ ସବୁଠୁ ବଡ଼ ଥିଲେ ଦେବକୀ । ଯାଦବ ବଂଶର ଶୂର ନାମକ ରାଜାଙ୍କର ବଡ଼ ପଅ ଥିଲେ ବସୁଦେବ ।

ଏକା ବଂଶର ସନ୍ତାନ ହୋଇଥିବାରୁ ମଥୁରା ରାଜଗାଦିରେ ବସୁଦେବଙ୍କର କିଛି ଦାବି ରହିବା କଥା । କାଳେ ତାଙ୍କ ଆଡ଼ୁ ସେପରି କିଛି ଦାବି ଆସିପାରେ, ତାହା ଏଡ଼ାଇବାପାଇଁ କଂସ ବସୁଦେବଙ୍କ ସହିତ ଭଉଣୀ ଦେବକୀଙ୍କୁ ବିବାହ କରାଇଲା । ବିବାହ ପରେ ଦେବକୀଙ୍କୁ ଶାଶୁଘରେ ଛାଡ଼ିବାକୁ ଯିବା ସମୟରେ କଂସ ଦୈବବାଣୀ ଶୁଣିଲା ଯେ ଦେବକୀଙ୍କ ଅଷ୍ଟମ ଗର୍ଭଜାତ ସନ୍ତାନ ତାର କାଳ ହେବ ।

ଏଥିଲାଗି କଂସ ଦେବକୀଙ୍କୁ ମାରିଦେବାକୁ ଚେଷ୍ଟା କରିଥିଲା । କିନ୍ତୁ ବସୁଦେବ ବହୁତ ବୁଝାବୁଝି କଲାପରେ କଂସ ଦେବକୀଙ୍କୁ ନମାରି ତାଙ୍କ ଗର୍ଭର ସନ୍ତାନଗୁଡ଼ିକୁ ହତ୍ୟା କରିବ ବୋଲି ଠିକ୍ କଲା ।

ବସୁଦେବ ନିଜ ତରଫରୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ନିଜେ ଦେବକୀ ଗର୍ଭଜାତ ସନ୍ତାନସନ୍ତତିଙ୍କୁ କଂସ ହାତରେ ଅର୍ପଣ କରିଦେବେ । ବସୁଦେବ ପ୍ରଥମ ସନ୍ତାନକୁ କଂସ ପାଖକୁ ନେଲାବେଳେ କଂସ କହିଥିଲା, "ଏ ଶିଶୁକୁ ମାରି ଲାଭ ନାହିଁ, କେବଳ ଅଷ୍ଟମ ପୁତ୍ର ହିଁ ମୋର ବିପଦର କାରଣ ।"

ଇତିମଧ୍ୟରେ ଥରେ ଦେବର୍ଷି ନାରଦ କଂସକୁ ଆସି ବୁଝାଇଲେ, ନନ୍ଦ ବସୁଦେବ ଆଦି ସମସ୍ତେ ଦେବ ଅଂଶରେ ଜାତ । ପୂର୍ବକାଳରେ ବିଷ୍ଣୁଙ୍କଦ୍ୱାରା ନିହତ ରାକ୍ଷସ କାଳନେମି ଏ ଜନ୍ମରେ କଂସ । ତେଣୁ ଦେବକୀଙ୍କ ପ୍ରତ୍ୟେକ ସନ୍ତାନ କଂସର ଶତ୍ରୁ । କଂସ ନାରଦଙ୍କ କଥାରେ ଠିକ୍ କଲା, ଦେବକୀଙ୍କ ସବୁ ପୁଅ ଝିଅଙ୍କୁ ମାରିଦେବ ।

ନିଜର ସ୍ୱାର୍ଥପାଇଁ ରଜାମାନେ ସବୁ କିଛି କରିପାରନ୍ତି । କାଳେ ପିତା ଉଗ୍ରସେନ ଏ ଦିଗରେ ବାଧା ଦେବେ, ସେଥିଲାଗି ସେ ପିତାଙ୍କୁ ମଧ୍ୟ ଭଉଣୀ ଓ ଭିଣୋଇ ଦେବକୀ ଏବଂ ବସୁଦେବଙ୍କ ସହିତ କାରାଗାରରେ ଭର୍ତ୍ତି କରିଦେଲା । ପ୍ରତ୍ୟେକଙ୍କୁ ହାତକଡ଼ି ଲଗାଇଦେଲା ।

ଗୋଟିକ ପରେ ଗୋଟିଏ, ଦେବକୀଙ୍କ ଗର୍ଭଜାତ ଛଅଗୋଟି ସନ୍ତାନକୁ କଂସ ହତ୍ୟା କରିଥିଲା । ଦେବକୀଙ୍କ ସପ୍ତମ ଗର୍ଭରେ ଭଗବାନ ଶେଷଦେବ ସ୍ଥାନ ନେଲେ । ଭଗବାନଙ୍କର ଅନେକ ରୂପ । ଶେଷଦେବ ତାଙ୍କ ଅନନ୍ତରୂପର ଏକ ଅଂଶ । ଶେଷଦେବ ଗର୍ଭସ୍ଥ ହେବା ଜାଣି ଦେବତାମାନେ ଯେତେ ଖୁସି ହେଲେ ସେତିକି ଚିନ୍ତିତ ହେଲେ, କାଳେ ତାଙ୍କୁ କଂସ ମାରିଦେବ ।

ଭଗବାନ ସେମାନଙ୍କ ଚିନ୍ତାର କାରଣ ଜାଣିପାରିଲେ । ସେ ଯୋଗମାୟାଙ୍କୁ ଡାକି କହିଲେ, "ବର୍ତ୍ତମାନ ଦେବକୀର ଗର୍ଭସଞ୍ଚାର ହୋଇଛି । ଶେଷଦେବ ମୋ ଅଂଶ ନେଇ ଜନ୍ମ ହେବେ । ତୁମେ ଦେବକୀର ଗର୍ଭରୁ ଶେଷଦେବଙ୍କୁ ଆକର୍ଷଣ କରି ନେଇଯାଅ । ସମସ୍ତଙ୍କ ଅଗୋଚରରେ ରୋହିଣୀଙ୍କ ଗର୍ଭରେ ତାଙ୍କୁ ଥୋଇଦିଅ ।"

ସେ ପୁଣି କହିଲେ, "ଦେବକୀଙ୍କ ଗର୍ଭରୁ ଆକର୍ଷିତ ହୋଇ ରୋହିଣୀଙ୍କ ଗର୍ଭରେ ସ୍ଥାପିତ ହେଉଥିବାରୁ ସନ୍ତାନଟିର ନାମ ସଙ୍କର୍ଷଣ ହେବ । ସମସ୍ତଙ୍କୁ ଖୁସି କରିପାରିବେ ବୋଲି ତାଙ୍କୁ ରାମ ଏବଂ ଅତ୍ୟନ୍ତ ବଳବାନ ହୋଇଥିବାରୁ ତାଙ୍କୁ ବଳଭଦ୍ର ନାମରେ ମଧ୍ୟ ଲୋକେ ଜାଣିବେ ।"

ଭଗବାନଙ୍କ ଆଦେଶରେ ଯୋଗମାୟା ପୃଥିବୀକୁ ଆସିଲେ । ସମସ୍ତଙ୍କ ଅଲକ୍ଷ୍ୟରେ ସେ ଦେବକୀଙ୍କ ଗର୍ଭରୁ ଭ୍ରୂଣ କାଢ଼ିନେଲେ ଓ ରୋହିଣୀଙ୍କ ଗର୍ଭରେ ତାହା ସ୍ଥାପନ କଲେ ।

ରୋହିଣୀ ହେଉଛନ୍ତି ବସୁଦେବଙ୍କ ଆଉ ଗୋଟିଏ ପତ୍ନୀ । ବସୁଦେବ ଦେବକୀଙ୍କୁ ବିବାହ କରିବା ପୂର୍ବରୁ ରୋହିଣୀଙ୍କୁ ବିବାହ କରିଥିଲେ ।

ଯୋଗମାୟା ଭ୍ରୂଣରୋପଣ କରିବାରୁ ରୋହିଣୀଙ୍କ ଗର୍ଭରେ ବଳରାମ ରହିଲେ । କଂସ ଜାଣି ପାରିଲା ନାହିଁ ଯେ ଗୋପପୁରରେ ଦେବକୀଙ୍କ ସପ୍ତମ ଭ୍ରୂଣଟି ବଢ଼ୁଛି । କିନ୍ତୁ ଦେବକୀଙ୍କ ଗର୍ଭ ନଷ୍ଟ ହୋଇଯାଇଛି ବୋଲି ଚାରିଆଡ଼େ ପ୍ରଚାର ହୋଇଗଲା ।

ଯଥାସମୟରେ ରୋହିଣୀଙ୍କ ଗର୍ଭରୁ ବଳରାମ ଜନ୍ମଗ୍ରହଣ କଲେ ।

ଏହାପରର ଗଳ୍ପ ଆମେ ସମସ୍ତେ ଅଳ୍ପ ବହୁତେ ଜାଣିଛୁ । ଦେବକୀଙ୍କ ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଜନ୍ମ ନେଲେ । ସାରା ଦୁନିଆ ଶୋଇଥିଲାବେଳେ ଅଦ୍ଭୁତ ଭାବରେ ବସୁଦେବ ମୁକୁଳିଯାଇ ଶ୍ରୀକୃଷ୍ଣଙ୍କୁ ଯମୁନା ପାର କରାଇ ଗୋପପୁରରେ ଯଶୋଦାଙ୍କ କୋଳରେ ଶୁଆଇଦେଲେ ଏବଂ ଯଶୋଦାଙ୍କ ସଦ୍ୟଜାତ କନ୍ୟାକୁ ଆଣି ଦେବକୀଙ୍କ ପାଖରେ ରଖିଦେଲେ । ପରେ ଶ୍ରୀକୃଷ୍ଣ ବଡ଼ ହୋଇ କିପରି ବଳରାମଙ୍କ ସହିତ ମଥୁରା ଯାଇ କଂସ ବିନାଶ କଲେ ସେ ଗଳ୍ପ ତ ଖୁବ୍ ଲମ୍ବା ।

ବଳରାମଙ୍କ ଜନ୍ମରହସ୍ୟ ଜାଣିବାପାଇଁ ଆମେ ବେଶି ଆଗ୍ରହୀ । ଜଣଙ୍କ ଗର୍ଭରୁ ଆଉ ଜଣକ ଗର୍ଭକୁ ଭ୍ରୂଣ ସ୍ଥାନାନ୍ତରିତ କରାଯାଇପାରିବ କି ? ଏ ପ୍ରଶ୍ନର ଉତ୍ତର ଆଜିର ଡାକ୍ତରମାନେ ଦେଇସାରିଛନ୍ତି ।

ପରୀକ୍ଷାନଳୀ ଶିଶୁ ବା test tube baby ବିଷୟ ଆଜିକାଲି ସମସ୍ତେ ଊଣାଅଧିକେ ଜାଣନ୍ତି । ପୃଥିବୀର ପ୍ରଥମ ପରୀକ୍ଷାନଳୀ ଶିଶୁର ଜନ୍ମ ହେଲା ୧୯୭୮ ଜୁଲାଇ ୨୫ରେ । ଏହା ଘଟିଲା ବିଲାତରେ । ଶିଶୁଟିର ନାମ ଲୁଇ ଜୟ ବ୍ରାଉନ୍ । ଝିଅଟିକୁ ଏବେ ୧୨ ବର୍ଷ ବି ହୋଇ ନାହିଁ; କିନ୍ତୁ ଏତେ ଅଳ୍ପ ସମୟ ଭିତରେ ପୃଥିବୀର ବିଭିନ୍ନ ଦେଶରେ ୧୨ ହଜାର ପାଖାପାଖି ପରୀକ୍ଷାନଳୀ ଶିଶୁ ଜନ୍ମ ନେଇସାରିଲେଣି । ପୂରାପୂରି ସ୍ୱଦେଶୀ ପରୀକ୍ଷାନଳୀ–ଶିଶୁ ଭାବରେ ଭାରତରେ ଜନ୍ମ ନେଲା ଇନ୍ଦିରା; ୧୯୮୬ ଅଗଷ୍ଟ ୬ରେ ବମ୍ବେର କିଙ୍ଗ୍ ଏଡ୍‌ୱାର୍ଡ ମେମୋରିଆଲ୍ ହସ୍‌ପିଟାଲରେ । ମାଆଙ୍କ ନାମ ମନି ରାଉତ୍ରା । ଡାକ୍ତରଣୀଙ୍କ ନାମ ଇନ୍ଦିରା ହିନ୍ଦୁଜା ।

ଏ ପ୍ରକାର ଶିଶୁକୁ ପରୀକ୍ଷାନଳୀ ଶିଶୁ ନ କହି କାଚପାତ୍ରର ଭ୍ରୂଣ କହିଲେ ଠିକ୍ ହେବ । ପ୍ରାକୃତିକ ଉପାୟରେ ଯେଉଁ ମା ଗର୍ଭଧାରଣ କରିପାରେ ନାହିଁ, କିନ୍ତୁ ଭ୍ରୂଣ ବଢ଼ିବାଲାଗି ତାଙ୍କର ଜରାୟୁ ଠିକ୍ ଅଛି, ତାଙ୍କପାଇଁ ଏ ବ୍ୟବସ୍ଥା । ଗୋଟିଏ କାଚପାତ୍ରରେ ଏକ ପ୍ରକାର ପୁଷ୍ଟିକର ରସ (culture) ରଖାଯାଏ । ଏହାର ଗୁଣ ଏପରି ଯେ ମନୁଷ୍ୟ ଦେହର କଟା କୋଷ ଏଥିରେ ବଞ୍ଚି ରହେ । ତାପରେ ମା ଦେହରୁ ଡିମ୍ବ ଓ ବାପାଙ୍କଠାରୁ ଶୁକ୍ର ନେଇ ହିଁ ରଖିଦେଲେ ତାହା ମିଶିଯାଇ ଗୋଟିଏ କୋଷ ହୋଇଯାଏ । ଏହି କୋଷ

କ୍ରମେ ଦୁଇଭାଗ ଏବଂ ପରେ ଚାରିଭାଗ ହୁଏ । ଏତିକିବେଳେ କୋଷ ବା ଭ୍ରୂଣ ନେଇ ନୂଆ ମାଆର ଜରାୟୁରେ ରଖିଦିଆଯାଏ । ସେହି ସମୟରେ (ଭ୍ରୂଣ-ରୋପଣବେଳେ) ନିଷେଚ ହୋଇ ରହିବା କଥା ।

ଜରାୟୁ ବାହାରେ କାଚପାତ୍ରରେ ଗର୍ଭାଧାନ ହୋଇଥିବା ଭ୍ରୂଣକୁ ଯଦି ମାଆର ଜରାୟୁରେ ରଖାଯାଇପାରୁଛି, ତେବେ ଗୋଟିଏ ମାଆର ଜରାୟୁରୁ ଭ୍ରୂଣ କାଢ଼ିନେଇ ଆଉ ଜଣେ ମାଆର ଜରାୟୁରେ କାହିଁକି ରଖି ନ ହେବ ? ପ୍ରକୃତ କ୍ଷେତ୍ରରେ ଏହାର ଉଦାହରଣ ନ ଥିବାର କାରଣ କୌଣସି ମାଆ ନିଜ ଭ୍ରୂଣକୁ କାହାକୁ ଦାନ କରିଦେବାକୁ ଚାହେଁ ନାହିଁ । ଯଦି କୌଣସି ଡାକ୍ତରୀ କାରଣରୁ ଜଣାଗଲା ଯେ ମା ପେଟର ଭ୍ରୂଣଟି ବଢ଼ିପାରିବ ନାହିଁ, ସେତେବେଳେ ବୋଧ-ହୁଏ ସେ ଦେଇପାରନ୍ତି ।

ଗଳ୍ପଟିରୁ ଜଣାଯାଏ ଯେପରି ଦେବକୀ ତାଙ୍କ ସନ୍ତାନପ୍ରତି ଥିବା ବିପଦ ଜାଣିଥିଲେ । ଶିଶୁ ପ୍ରସବ ହେବାପରେ ଯଦି କଂସଦ୍ୱାରା ମରିବ, ଭ୍ରୂଣ ଅବସ୍ଥାରେ ତାକୁ କାହିଁକି ଦାନ ନ କରିବା ? ପୁଣି ଭ୍ରୂଣତ ଦେବକୀଙ୍କୁ ଭଉଣୀ ଭଳି ଦେଖୁଥିବା ସଉତୁଣୀ ରୋହିଣୀଙ୍କ ଗର୍ଭରେ ବଢ଼ିବ !

ବଳରାମଙ୍କ ଜନ୍ମ କାହାଣୀରେ ଉଲ୍ଲେଖ ଅଛି ଯେ (୧) ଯୋଗମାୟା ଭ୍ରୂଣଟିକୁ ଶୋଷିନେଇ (ଆକର୍ଷଣ କରି) କାଢ଼ିଥିଲେ, (୨) ଦେବକୀ ଶୋଇଥିଲେ, (୩) ରୋହିଣୀ ଶୋଇଥିଲାବେଳେ ଭ୍ରୂଣଟିକୁ ତାଙ୍କ ଗର୍ଭରେ ସ୍ଥାପନ କରାଯାଇଥିଲା । କି ପ୍ରକାର ଅସ୍ତ୍ରୋପଚାର କରାଗଲା ଗଳ୍ପରେ ବିଶଦ ବର୍ଣ୍ଣନା ନାହିଁ । କିନ୍ତୁ ଶୋଇବାକୁ ନିଷେଚ ବୋଲି କୁହାଯାଇପାରେ । ନଳୀଦ୍ୱାରା ଶୋଷିନେଇ ଭ୍ରୂଣକୁ ବାହାର କରିଦେବା ଉଦାହରଣ ଆଜିକାଲି ଅତି ସାଧାରଣ ପରିବାର ନିୟୋଜନ ଯୋଜନାରେ ଦେଖାଯାଏ । ରୋହିଣୀଙ୍କୁ ନିଷେଚ କରି ତାଙ୍କଠାରେ ଅସ୍ତ୍ରୋପଚାର କରାଯାଇଥିବ ଓ ତାଙ୍କ ଜରାୟୁରେ ଭ୍ରୂଣ ବଳରାମଙ୍କୁ ଯଥାବିଧି ରଖାଯାଇଥିବ ।

ହଜାର ହଜାର ବର୍ଷତଳେ ଶ୍ରୀମଦ୍ ଭାଗବତ ପୁରାଣର ରଚୟିତା ଯେ ଆଜିର ଡାକ୍ତରିବିଦ୍ୟା ଭଳି ଉନ୍ନତ ଧରଣର ଚିନ୍ତା କରିପାରିଥିଲେ, ତାହା ଭାବିଲେ ଆମକୁ ଗର୍ବ ଲାଗେ ।

# ଶିଖଣ୍ଡୀ : ଝିଅଟିଏ ପୁଅ ହେବା ସମ୍ଭବ କି ?

କୁରୁ ପାଣ୍ଡବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ହସ୍ତିନାପୁରରେ ତାଙ୍କ ଯୁଦ୍ଧଶାଳାରେ ବସି ଥାଆନ୍ତି । ମନରେ ଗୁଡ଼ାଏ ଚିନ୍ତା । ଦ୍ରୁପଦଙ୍କ ଝିଅ କୃଷ୍ଣାଙ୍କ ସହିତ କୃଷ୍ଣଙ୍କର ବିବାହ ପ୍ରସ୍ତାବ ଚାଲିଥାଏ । ଦ୍ରୁପଦଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସେ ଯେଉଁ ଯୋଜନା କରିଥିଲେ ଏ ବିବାହ ତହିଁରେ ବାଧା ସୃଷ୍ଟି କରିବ ।

ଯୁଦ୍ଧଶାଳାପାଇଁ ନୂଆ ଛାତ୍ର ବାଛିବା କାମରେ ଦ୍ରୋଣଙ୍କର ଜଣେ ମଧ୍ୟବୟସ୍କ ଶିଷ୍ୟ ଶଙ୍ଖ ନିଯୁକ୍ତ ଥାଏ । ଦ୍ରୋଣାଚାର୍ଯ୍ୟ ଚିନ୍ତାରେ ଥିବାବେଳେ ଶଙ୍ଖ ଉତ୍ତରକୁରୁ ରାଜା ସୁବାହୁଙ୍କ ଦୁଇ ପୁଅଙ୍କୁ ଆଣି ପହଞ୍ଚିଲା । ସେମାନଙ୍କ ବୟସ ଯଥାକ୍ରମେ ୧୨ ଓ ୧୪ । ଶାସ୍ତ୍ର ଅଧ୍ୟୟନପାଇଁ ଉପଯୁକ୍ତ ବୟସ ୮ ବର୍ଷ । ଅଳ୍ପ ବୟସରେ ସେମାନଙ୍କ ମା' ଛାଡ଼ିବାକୁ ରାଜି ନ ହେବାରୁ ଏହା ଘଟିଛି ବୋଲି ଉତ୍ତର ପାଇ ଦ୍ରୋଣ ସେମାନଙ୍କୁ ଶିଷ୍ୟରୂପେ ଗ୍ରହଣ କଲେ । ସେଦିନ ଶଙ୍ଖ ଆଉ ଦୁଇଜଣଙ୍କୁ ମଧ୍ୟ ଦ୍ରୋଣଙ୍କ ଶିଷ୍ୟ ହେବାପାଇଁ ଆଣିଥିଲା । ଅଙ୍ଗାରକକୁ ୧୮ ବର୍ଷ ହୋଇଥିଲା । ପରୀକ୍ଷା କରି ଗୁରୁ ତାକୁ ଅଗ୍ରାହ୍ୟ କଲେ ।

ଚତୁର୍ଥ ପ୍ରାର୍ଥୀଟି ପୁଅ ହୋଇଥିଲେ ମଧ୍ୟ ଝିଅ ଭଳି ଦିଶୁଥିଲା । ତା ନାମ ଶିଖଣ୍ଡୀ । ତାହାର ଚେହେରା ଦ୍ରୋଣଙ୍କୁ କୌତୂହଳରେ ପକାଇଲା । ବିଭିନ୍ନ ପ୍ରଶ୍ନ କରି ଦ୍ରୋଣାଚାର୍ଯ୍ୟ ଜାଣିଲେ ଯେ ସେ କୌଶିକ ଗୋତ୍ରର କ୍ଷତ୍ରିୟ ବଂଶରେ ଜନ୍ମ । ବେଦ ଅଧ୍ୟୟନ, ଧନୁର୍ବିଦ୍ୟା ଓ ଗଦାଚାଳନାରେ ଧୁରନ୍ଧର । ପିଲାଟିର ସ୍ୱର ବାଳିକାସୁଲଭ ମଧୁର, କିନ୍ତୁ ସେ ବାଳକପରି ଦୃଢ଼ତା ଓ ବାକ୍‌ଚାତୁରୀ ଦେଖାଇବାକୁ ଚେଷ୍ଟା କରୁଥାଏ । ୧୬ ବର୍ଷ ବୟସ ହୋଇଥିଲେ ହେଁ ଦ୍ରୋଣାଚାର୍ଯ୍ୟଙ୍କୁ ୧୨ ବର୍ଷ ଭଳି ଲାଗୁଥାଏ ।

ଦ୍ରୋଣ ପଚାରିଲେ, "ମଲ୍ଲଯୁଦ୍ଧର ନୀତି ନିୟମ ଜାଣିଛ ?"

ପିଲାଟିର ମୁହଁ ଲାଲ ପଡ଼ିଗଲା । କହିଲା, "କୌଣସି ଗୁରୁ ମୋତେ ମଲ୍ଲଯୁଦ୍ଧ ଶିଖାଇବାକୁ ରାଜି ନୁହନ୍ତି ।"

ଦ୍ରୋଣାଚାର୍ଯ୍ୟ ପଚାରିଲେ, "କାହିଁକି" ?

ମୁହଁ ତଳକୁ କରି ଶିଖଣ୍ଡୀ କହିଲା, "ସେମାନେ ମୋତେ ଝିଅଟିଏ ବୋଲି ସନ୍ଦେହ କରନ୍ତି ।"

ଗୁରୁ କହିଲେ, "ମୁଁ ମଧ୍ୟ ଝିଅମାନଙ୍କୁ ଶିକ୍ଷା ଦିଏ ନାହିଁ ।"

ଶିଖଣ୍ଡୀ ନିଜର ଇତିହାସ କହିଲେ, "ମୋ ମା' କାଶୀର ରାଜକୁମାରୀ, ଆପଣଙ୍କ ଶତ୍ରୁ ପାଞ୍ଚାଳଦେଶର ରାଜା ଦ୍ରୁପଦ ମୋର ବାପା । ମା'ଙ୍କ ମୃତ୍ୟୁ ଅନ୍ତେ ମୋତେ ୧୦ ବର୍ଷ ହୋଇଥିବା ସମୟରେ ବାପାଙ୍କ ପାଖକୁ ଅଣାଗଲା । ମା' ମୋତେ ପୁଅ ଭଳି ପାଳୁଥିଲେ । ବାପା ତାହା ଚାହୁଁ ନ ଥିଲେ । କିନ୍ତୁ ଭାଇ ଧୃଷ୍ଟଦ୍ୟୁମ୍ନ ଓ ସତ୍ୟଜିତ୍‌ଙ୍କ ଭଳି ମୁଁ ଯୋଦ୍ଧା ହେବାକୁ ଚାହେଁ ।"

ରହସ୍ୟ ବୁଝିବାପାଇଁ ଗୁରୁ ପଚାରିଲେ, "ତୁମକୁ ଏଠାକୁ ଆସିବା ପାଇଁ କିଏ କହିଲା ?"

"କୃଷ୍ଣ ବାସୁଦେବ ।"

ଉତ୍ତର ଶୁଣି ଦ୍ରୋଣାଚାର୍ଯ୍ୟ ଚୁପ୍ ହୋଇଗଲେ । କିନ୍ତୁ ସେ ଶୁଣିଥିଲେ ଯେ ଶିଖଣ୍ଡୀ ବାପାଙ୍କ ରାଜଧାନୀକୁ ଫେରିବା ପୂର୍ବରୁ ବିଭା ହୋଇସାରିଥିଲା । ଶିଖଣ୍ଡୀ କହିଲା, "ହଁ, ଦଶର୍ଣ୍ଣାର ୬ ବର୍ଷ ବୟସ୍କା ରାଜକୁମାରୀର ବିବାହ ପ୍ରସ୍ତାବ ଆସିଲା । ବାପା ରାଜି ହୋଇଗଲେ । ସେତେବେଳେ ମୁଁ ତ ମାଆଙ୍କ ପାଖରେ ପୁଅ ଭଳି ବଢ଼ୁଥିଲି । ଏବେ ଶଶୁର ହିରଣ୍ୟବର୍ମା ତାଙ୍କ ଝିଅକୁ ପଠାଇବାକୁ ଚାହୁଁଛନ୍ତି । ଗଣ୍ଡଗୋଳ ଏଡ଼ାଇବାପାଇଁ ମୁଁ ଘର ଛାଡ଼ି ପଳାଇ ଆସିଛି ।"

ଶିଖଣ୍ଡୀଠାରୁ କୃଷ୍ଣାଙ୍କ ବିବାହ ପ୍ରସ୍ତାବ ଭାଙ୍ଗିଥିବା ଶୁଣି ଦ୍ରୋଣ ଆଶ୍ୱସ୍ତ ହେଲେ । ଶିଷ୍ୟ ହେବାପାଇଁ ପିତାଙ୍କ ଅନୁମତି ଆଣିବାକୁ କହିଲେ ।

ଶିଖଣ୍ଡୀ କହିଲା, "ଦଶର୍ଣ୍ଣା ରାଜକୁମାରୀ ଆସିବା ପରେ ମୁଁ ଝିଅ ବୋଲି ପ୍ରମାଣ ହୋଇଯିବ ଓ ବାପା ଅପମାନିତ ହେବେ, ତେଣୁ ଲୁଚି ଲୁଚି ମୁଁ ପଳାଇ ଆସିଲି । ଝିଅଟିଏ ବୋଲି ଅପମାନ ପାଇବା ଅପେକ୍ଷା ଠିକ୍ କଲି ମୁଁ ଆତ୍ମହତ୍ୟା କରିବି । ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ ହେଲା । ତାଙ୍କ ସ୍ପର୍ଶରେ ମୋର ଦୁଃଖ ଉଭେଇଗଲା । ସେ କହିଲେ, "ଆପଣ ହିଁ ମୋତେ ପୁରୁଷ କରିପାରିବେ ।

ଆପଣଙ୍କ ହାତରେ କାଦୁଅ ବି ସୁନା ହୋଇପାରିବ । ଯଦି ମୁଁ ଆତ୍ମହତ୍ୟା କରିବା ପାଇଁ ପିତାଙ୍କ ଅନୁମତି ନେଇ ନାହିଁ, ଯୁଦ୍ଧଶିକ୍ଷା କରିବାପାଇଁ କାହିଁକି ନେବି ?"

ଏଥର ଦ୍ରୋଣାଚାର୍ଯ୍ୟଙ୍କ ମତ ବଦଳିଗଲା । ଶିଖଣ୍ଡୀକୁ ଶିଷ୍ୟରୂପେ ଗ୍ରହଣ କରି କହିଲେ, "ତୁମକୁ ପ୍ରଥମେ ପୁରୁଷ ହେବାକୁ ପଡ଼ିବ । ମାସ ମାସ ଧରି ଶାରୀରିକ ପୀଡ଼ା ସହି ପାରିବ ତ ?"

ଶିଖଣ୍ଡୀ ରାଜିହେବାରୁ ଦ୍ରୋଣାଚାର୍ଯ୍ୟ ଯକ୍ଷ ସ୍ଥୂଳାକର୍ଣ୍ଣ ପାଖକୁ ଶିଖଣ୍ଡୀକୁ ପଠାଇଲେ । ସ୍ତ୍ରୀକୁ ପୁରୁଷ କରିବାର କୁହୁକ ବିଦ୍ୟା ସ୍ଥୂଳାକର୍ଣ୍ଣ ଜାଣିଥିଲା ।

ଶିଖଣ୍ଡୀ ଯୁଦ୍ଧ ଶିକ୍ଷା କଲାପରେ ଦ୍ରୌପଦୀଙ୍କ ସ୍ୱୟମ୍ବର ସମୟକୁ ପାଞ୍ଚାଳ ରାଜଧାନୀ କାମ୍ପିଲ୍ୟ ଯାଇଥିଲା । ଏତେକାଳ କୁଆଡ଼େ ଥିଲା, ଏ ବିଷୟ ବୁଝାଇବାକୁ ଯାଇ ଶିଖଣ୍ଡୀ ନିଜର ଲିଙ୍ଗପରିବର୍ତ୍ତନ କଥା ମଧ୍ୟ ଦ୍ରୌପଦୀଙ୍କ ଆଗରେ କହିଲା :

"ଦ୍ରୋଣାଚାର୍ଯ୍ୟ ମୋତେ ଗୋଟିଏ ଯକ୍ଷ ପାଖକୁ ପଠାଇଲେ । ତାହାଙ୍କ ଭିତରେ କିଛି ଗୋଟିଏ ଦୈବୀଶକ୍ତି ଥିଲା । ଚାରିମାସ ଧରି ମୁଁ ପୀଡ଼ା ପାଇଲି । ମୋତେ ଖାଦ୍ୟ ଦିଆଗଲା ନାହିଁ । କେବଳ ଔଷଧଗୁଳ୍ମ ଓ ଜଳ ଦିଆଗଲା । ମନେ ହେଉଥିଲା ଯେପରି ମୋ ଦେହଯାକ ଛେଚାଯାଉଛି । ମୋର ବହୁତ ରକ୍ତସ୍ରାବ ହେଲା । ବେଳେବେଳେ ମନେହେଉଥିଲା ମୋତେ ଯେପରି ଗଡ଼ ଗଡ଼ କରି କଟାଯାଉଛି । କେତେଦିନ ଧରି ଅଚେତ ରହିଲି ମୁଁ ଜାଣେ ନାହିଁ । ଯେତେବେଳେ ମୋର ଚେତା ଫେରିଲା, ମନେହେଲା ମୋତେ ଯମ କୁଣ୍ଢାଇ ଧରିଛି । କିନ୍ତୁ ମୁଁ ଜାଣିଲି, ଦୈବୀଶକ୍ତି କାର୍ଯ୍ୟ କରିଛି । ମୁଁ ପୁରୁଷ ହୋଇଯାଇଛି !"

ଶିଖଣ୍ଡୀର ଜୀବନୀ ପୁରାପୁରି ବର୍ଣ୍ଣନା କରିବାର ଅବସର ଏଠାରେ ନାହିଁ । ଆମେ ଜାଣୁ ଶିଖଣ୍ଡୀ ଝିଅରୁ ପୁଅ ହୋଇଥିବାରୁ ନପୁଂସକ ଗଣାଯାଇଥିଲା । ନପୁଂସକକୁ ଦେଖି ଭୀଷ୍ମ ଅସ୍ତ୍ରତ୍ୟାଗ କରିଥିଲେ । ଫଳରେ ମହାଭାରତ ଯୁଦ୍ଧ ଭିନ୍ନ ମୋଡ଼ ନେଲା ।

ସତରେ କ'ଣ ଶିଖଣ୍ଡୀ ଭଳି ଝିଅଟିଏ ପୁଅ ହୋଇପାରିବ ? କେତେକ ସର୍ତ୍ତରେ ଏହା ସମ୍ଭବ ବୋଲି ବିଜ୍ଞାନ କହେ ।

ଶିଖଣ୍ଡୀ କାହାଣୀରେ ତିନୋଟି କଥା ଅଛି : (୧) ଜନ୍ମରୁ ଶିଖଣ୍ଡୀ ପୁଅ ଲକ୍ଷଣ ପାଇଥିଲା, କିନ୍ତୁ ଝିଅ ଭଳି ଦେଖାଯାଉଥିଲା, (୨) ସ୍ଥୂଳାକର୍ଣ୍ଣ ଅସ୍ତ୍ରୋପଚାର କରିଛି, (୩) ଶିଖଣ୍ଡୀ ପୁରୁଷ ହୋଇଥିଲେ ମଧ୍ୟ ନପୁଂସକ ହୋଇଛି । ଏସବୁ କଥା ଆଜିକାଲି ବି ଘଟୁଛି ।

ଅଳ୍ପଦିନ ତଳେ ଏଭଳି ଏକ ଘଟଣା ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଥିଲା । ଦିଲ୍ଲୀର ଡାକ୍ତର ରବି ଅଗ୍ରୱାଲ ତାଙ୍କ 'ବାଲି କ୍ଲିନିକ୍‌ରେ ଅସ୍ତ୍ରୋପଚାର କରି ମଞ୍ଜୁ ନାମକ ଗୋଟିଏ ଝିଅକୁ ପୁଅ କରି ଦେଇଛନ୍ତି : ତାର ନୂଆ ନାମ ମନୀଷ । ନୂଆଦିଲ୍ଲୀର ଜେମସ୍ ଆଣ୍ଡ କନ୍‌ଭେଣ୍ଟ କଲେଜର ବି.ଏ. ଶ୍ରେଣୀର ତାର ପାଠପଢ଼ା ସାଥୀ ମଧୁକୁ ସେ ବିବାହ କରିଛି । ୧୯୮୯ ଜାନୁଆରୀ ୧୩ ତାରିଖରେ ଦୀର୍ଘ ଛ'ଘଣ୍ଟାର ପ୍ରଥମ ପର୍ଯ୍ୟାୟ ଅପରେସନ ଓ ମାସକ ପରେ ଦ୍ୱିତୀୟ ପର୍ଯ୍ୟାୟ ଅପରେସନ ହୋଇଥିଲା । ଲିଙ୍ଗପରିବର୍ତ୍ତନ କରିଥିଲେ ମଧ୍ୟ ମନୀଷ ସନ୍ତାନର ପିତା ହୋଇପାରିବେ ନାହିଁ ।

ମାଆ ପେଟରେ ଗର୍ଭସଂଚାର ହେବା ଲାଗି ପୁରୁଷର ଶୁକ୍ର ଓ ମାଆର ଡିମ୍ବ ମିଶିଥାଏ । ୮ରୁ ୧୦ ସପ୍ତାହ ଯାଏ ପୁଅ ହେବ କି ଝିଅ ହେବ କହି ହୁଏ ନାହିଁ । ଭ୍ରୂଣ ପିତାମାତାଙ୍କଠାରୁ କିପରି ଲିଙ୍ଗ ଚିହ୍ନଟକାରୀ କ୍ରମୋଜମ୍ ପାଏ, ତାହାକୁ ବୁଝାଇବାକୁ ଯାଇ ବୈଜ୍ଞାନିକମାନେ ସ୍ତ୍ରୀକୁ XଓX ଏବଂ ପୁରୁଷକୁ XଓY ଦ୍ୱାରା ଚିହ୍ନିତ କରିଛନ୍ତି । ଭ୍ରୂଣ ମାଆଠାରୁ ସବୁବେଳେ X କ୍ରମୋଜମ୍ ପାଏ, ବାପା ହିଁ ତାର ଲିଙ୍ଗ ଠିକ୍ କରେ । ଯଦି ବାପାଠାରୁ X ପାଏ ତେବେ ଝିଅ, ଯଦି Y ପାଏ ତେବେ ପୁଅ ହେବ । କ୍ରମୋଜମ୍ ଢାଞ୍ଚା ଅନୁଯାୟୀ ଭ୍ରୂଣରେ ଶୁକ୍ରାଶୟ ବା ଡିମ୍ବାଶୟ ତିଆରି ହୁଏ । ଶୁକ୍ରାଶୟ ତିଆରି ହେଲେ ଟେଷ୍ଟୋଷ୍ଟେରନ୍ ନାମକ ହାର୍ମୋନ୍ ବାହାରେ । ଏହା ଓଲ୍‌ଫିଆନ୍ ଡକ୍ସ୍ ନାମକ ଏକ ଶ୍ରେଣୀର ଗ୍ରନ୍ଥିକୁ କାର୍ଯ୍ୟକାରୀ କରାଏ । ତା ଫଳରେ ପୁଅ ବୋଲି ଚିହ୍ନିବାର ଅଙ୍ଗ ତିଆରି ହୁଏ । ଯଦି ଓଲ୍‌ଫିଆନ୍ ଗ୍ରନ୍ଥି wolffian ducts ଭଲ କାମ ନ କରେ, ପୁଅ ହେଉଥିବା ଭ୍ରୂଣରେ ମଧ୍ୟ ପୁରୁଷ ଅଙ୍ଗ ତିଆରି ହେବ

ନାହିଁ; ବାହାରକୁ ଝିଅ ହୋଇଯିବ । କିନ୍ତୁ ଭିତରେ ପୁରୁଷ ଲକ୍ଷଣ ଥିବ । ଏଭଳି ଝିଅକୁ ଅସ୍ତ୍ରୋପଚାରଦ୍ୱାରା ପୁଅ କରିହେବ । କିନ୍ତୁ ଜନ୍ମଗତ ଦୋଷ ଯୋଗୁ ସେ ନପୁଂସକ ହୋଇଯିବ; ସନ୍ତାନଲାଭ କରିପାରିବ ନାହିଁ । ପୁଅ ମଧ୍ୟ ସେହି-ଭଳି ଝିଅକୁ ବଦଳି ପାରେ; କିନ୍ତୁ ଶରୀର ଭିତରେ ଜନ୍ମଗତ ତ୍ରୁଟି ଯୋଗୁ ମା' ହୋଇପାରିବ ନାହିଁ ।

ଆଜିର ବିଜ୍ଞାନ ଏତେ ଆଗେଇଗଲାଣି ଯେ ଲିଙ୍ଗ ପରିବର୍ତ୍ତନ ପରେ ମଧ୍ୟ ସନ୍ତାନ ଲାଭ କରିହେବ । ଏଥିପାଇଁ ଶରୀରରେ ଆବଶ୍ୟକ ଅଙ୍ଗରୋପଣ କରିବା ସମ୍ଭବ ହେଲାଣି । ପ୍ରକୃତିର ତ୍ରୁଟିକୁ ମଣିଷ ସଂଶୋଧନ କରିବାର କ୍ଷମତା ପାଇଲାଣି ।

● ● ●

# ଶ୍ରୀଗାଲବ ଓ ସୁଦର୍ଶନ ଚକ୍ର

ହିନ୍ଦୁମାନଙ୍କ ଭିତରେ କିଏ ବିଷ୍ଣୁଙ୍କୁ ଉପାସନା କରନ୍ତି ତ କିଏ ଶିବଙ୍କୁ ମାନନ୍ତି, ପୁଣି କିଏ ଦୁର୍ଗାଙ୍କୁ ମାନନ୍ତି । ପ୍ରଥମଟି ବୈଷ୍ଣବ ସମ୍ପ୍ରଦାୟ, ଦ୍ୱିତୀୟଟି ଶୈବ ଓ ତୃତୀୟଟି ଶାକ୍ତ । ସେହିପରି ଯେଉଁମାନେ ଆଲ୍ଲାଙ୍କୁ ପରମେଶ୍ୱର ମାନନ୍ତି ସେମାନେ ମୁସଲମାନ ସମ୍ପ୍ରଦାୟ; ଯେଉଁମାନେ ଖ୍ରୀଷ୍ଟଙ୍କୁ ପରମେଶ୍ୱରଙ୍କ ସନ୍ତାନ ମନେ କରନ୍ତି, ସେମାନେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ । ଯୁଗେ ଯୁଗେ ମଣିଷ ସମାଜରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ରହିଆସିଛି ।

ମହାଭାରତ ଯୁଗରେ ଏହିଭଳି ଯେଉଁ କେତେଗୁଡ଼ିଏ ସମ୍ପ୍ରଦାୟ ଥିଲା, ସେଥିରୁ ଗୋଟିଏ ସମ୍ପ୍ରଦାୟ "ବାସୁଦେବ"ଙ୍କୁ ପରମେଶ୍ୱର ହିସାବରେ ପୂଜା କରୁଥିଲେ । ଗାଲବ ଏହି ସମ୍ପ୍ରଦାୟର ଆଚାର୍ଯ୍ୟ ଥିଲେ । ଯାଦବ ସେନା କରବୀର-ପୁରକୁ ଜିତି ଅଧିକାର କରିନେବା ପରେ ସେମାନଙ୍କ ସହିତ ଗାଲବ ଋଷି ମଧ୍ୟ କରବୀରପୁର ଆସିଥିଲେ । ରାଜପରିବାର ସହିତ ତାଙ୍କର ସୁସମ୍ପର୍କ ଥିଲା । କରବୀରପୁରର ଯୁବା ଯାଦବ ରାଜାଙ୍କର ଗୋଟିଏ ସନ୍ତାନ ହେଲା । ଋଷିଙ୍କ ନାମ ଅନୁସାରେ ତା' ନାମ ଶ୍ରୀଗାଲବାଳ ରଖାଗଲା । ଶିଶୁଟି ବାସୁଦେବ ସମ୍ପ୍ରଦାୟର ରୀତିନୀତିରେ ବଢ଼ିଲା । କାଳକ୍ରମେ ସେ ରାଜସିଂହାସନରେ ବସିଲା ।

ଗାଲବ ଋଷି ମରିଗଲାପରେ ଶ୍ରୀଗାଲବାଳ ଗାଲବାଚାର୍ଯ୍ୟଙ୍କ ଆଶ୍ରମକୁ ଭାଙ୍ଗିଦେଲା ଏବଂ ନିଜକୁ ସମ୍ପ୍ରଦାୟର ମୁଖ୍ୟ ବୋଲି ଘୋଷଣା କଲା । ଡରାଇ ଲାଞ୍ଚଦେଇ ବା ବୁଝାଇ ସୁଝାଇ କଳେ ବଳେ କୌଶଳେ ଲୋକମାନଙ୍କୁ ବାସୁଦେବ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ କଲା । ଶ୍ରୀଗାଲବ ଆସ୍ତେ ଆସ୍ତେ ପଡ଼ୋଶୀ ଆଦିବାସୀ ସମ୍ପ୍ରଦାୟମାନଙ୍କୁ ପରାସ୍ତ କରି ରାଜ୍ୟ ବଢ଼ାଇଲା । ନିଜର ପରାକ୍ରମ ଉପରେ ସେ ଏତେ ଗର୍ବ କଲା ଯେ ସେ ନିଜକୁ 'ଶ୍ରୀଗାଲବ ବାସୁଦେବ' ବୋଲି ଘୋଷଣା କଲା । ବାସୁଦେବ ଶ୍ରୀଗାଲବରୂପରେ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ସେ ପ୍ରଚାର କଲା । ସମ୍ପ୍ରଦାୟର ରୀତିନୀତି ନିଜର ଇଚ୍ଛା ଅନୁଯାୟୀ ବଦଳାଇ

ଦେଲା । ମୁନିଋଷିଙ୍କଦ୍ୱାରା ନୂଆ ଶାସ୍ତ୍ର ତିଆରି କଲା । କାହାକୁ ରାଜ-ଅନୁଗ୍ରହ ଦେଖାଇ, କାହାକୁ ଧମକ ଦେଇ ଓ କାହାକୁ ଦଣ୍ଡଦେଇ ସେ ନିଜର ସ୍ତାବକ ସଂଖ୍ୟା ବଢ଼ାଇଲା । ଯେଉଁ ମୁନି ଋଷିମାନେ ତା'ର ଆଦେଶକୁ ଅମାନ୍ୟ କଲେ ବା ତା'ର ପୂଜା କଲେ ନାହିଁ, ସେ ସମସ୍ତ ମୁନି ଋଷିଙ୍କୁ ନରକ—ଯନ୍ତ୍ରଣା ଭୋଗିବାର ଦଣ୍ଡ ଦେଲା ।

ଶ୍ରୀଗାଲବ ତା'ର ନିଜ ପୂଜା ବ୍ୟତୀତ ଆଉ ଯେ କୌଣସି ଦେବଦେବୀଙ୍କୁ ପୂଜା କରିବା ବେଆଇନ ଘୋଷଣା କଲା । ତା' ରାଜ୍ୟରେ ସବୁ ମନ୍ଦିର ଭାଙ୍ଗି ଦିଆଗଲା । ଯେଉଁ ମନ୍ଦିରଗୁଡ଼ିକ ଅଭଙ୍ଗା ରହିଲା, ତହିଁରେ ଶ୍ରୀଗାଲବର ମୂର୍ତ୍ତି ସ୍ଥାପନ କରାଗଲା ।

ତା'ର ଏଭଳି ଅସତ୍ ଉପାୟ ଦେଖି ଅନ୍ୟ ରାଜ୍ୟର ଲୋକେ ତା'କୁ ଶ୍ରୀଗାଲବ ନକହି ଶୃଗାଳ କହିଲେ ।

ଶ୍ରୀକୃଷ୍ଣଙ୍କ ରୁକ୍ମିଣୀହରଣ ସମୟରେ ଶିଶୁପାଳ ଓ ଜରାସନ୍ଧଙ୍କ ସହିତ ବଳରାମଙ୍କର ଯେଉଁ ଯୁଦ୍ଧ ହେଲା ସେଥିରେ ଶ୍ରୀଗାଲବ ଜରାସନ୍ଧଙ୍କ ପକ୍ଷରେ ଯୁଦ୍ଧ କରିଥିଲା । ପରାଜୟର ଗ୍ଲାନି ସବୁଦିନେ ଶ୍ରୀଗାଲବକୁ ଦୁଃଖରେ ମ୍ରିୟମାଣ କରି ଦେଇଥିଲା । ମନ୍ତ୍ରୀ ଓ ପାରିଷଦମାନେ ଶ୍ରୀଗାଲବକୁ ଖୁସି କରିବାପାଇଁ, ତା'କୁ ପ୍ରକୃତ ବାସୁଦେବ ବୋଲି କହୁଥିଲେ ଓ ରାଜ୍ୟସାରା ଜାକଜମକରେ ଶ୍ରୀଗାଲବର ପୂଜା କରାଇଥିଲେ । ଅନେକ ମୁନିଋଷି ନରକ ଦଣ୍ଡ ବା ମୃତ୍ୟୁଦଣ୍ଡ ଭୟରେ ଶ୍ରୀଗାଲବର ସବୁ ଆଜ୍ଞା ମାନିନେଲେ ସତ, କିନ୍ତୁ କେତେକ ମୁନି ଋଷି ତା'ର ରାଜ୍ୟରୁ ଖସି ପଳାଇ ଯାଇ ଶ୍ରୀକୃଷ୍ଣଙ୍କ ଶରଣାଗତ ହେଲେ ।

ଇତିମଧ୍ୟରେ କରବୀରପୁରରେ ଶ୍ରୀଗାଲବର ଦର୍ପ ଖୁବ୍ ବଢ଼ିଗଲା । ପ୍ରକୃତ ବାସୁଦେବ ହେବାକୁ ହେଲେ ବାସୁଦେବଙ୍କ ଚାରୋଟି ଚିହ୍ନ—ଗଦା,ଶଙ୍ଖ, ଚକ୍ର ଓ ଗରୁଡ଼—ତା' ପାଖରେ ରହିବା ଦରକାର । ଏଥିଲାଗି ଶ୍ରୀକୃଷ୍ଣଙ୍କସହିତ ଯୁଦ୍ଧ କରିବାକୁ ହେବ କିମ୍ବା ଅନ୍ୟ କୌଣସି ଉପାୟ କରିବାକୁ ହେବ ।

ଶ୍ରୀଗାଲବ ଏହିପରି ଭାବୁଥିଲାବେଳେ ତା'ର ଦ୍ୱାରପାଳ ଆସି ଖବର ଦେଲା ଯେ ଯାଦବ କୃଷ୍ଣ ଆସିଛନ୍ତି ।

ଶ୍ରୀଗାଲବ ଭାବିଲା, ଏ ତ ସୁବର୍ଣ୍ଣ ସୁଯୋଗ । ସହଜରେ ଶଙ୍ଖ, ଚକ୍ର, ଗଦା ଆଦିକୁ ଅକ୍ତିଆର କରିହେବ ।

କିନ୍ତୁ ଦରକାରପଡ଼ିଲେ ଯୁଦ୍ଧ କରିବାକୁ ପଡ଼ିପାରେ, ତେଣୁ ଶ୍ରୀଗାଲବ ତାର ସୈନ୍ୟସାମନ୍ତଙ୍କୁ ପ୍ରସ୍ତୁତ ରହିବାକୁ ଆଦେଶ ଦେଇଦେଲା ।

ଏଣେ ଶ୍ରୀକୃଷ୍ଣଙ୍କୁ ଆଗରେ ପାଇ ଶ୍ରୀଗାଲବ କହିଲା, "ଦୁନିଆରେ ଗୋଟିଏ ବାସୁଦେବ—ସେ ହେଉଛନ୍ତି ଶ୍ରୀଗାଲବ ବାସୁଦେବ । ଆଉ ଜଣେ କୃଷ୍ଣ ବାସୁଦେବ ହୋଇପାରିବ ନାହିଁ" । ଶ୍ରୀକୃଷ୍ଣ ଜଣେ ଅଧର୍ମୀ ରାଜାକୁ ସତ୍ୟ ଓ ଧର୍ମର ମାର୍ଗ ବୁଝାଇବା ଉଚିତ ମନେ କଲେ । ସେ କହିଲେ—ମଣିଷ ଗର୍ବ କଲେ ଧ୍ୱଂସ ଆଡ଼କୁ ଟାଣି ହୋଇଯାଏ । ବ୍ରାହ୍ମଣ ଓ ଋଷିମାନଙ୍କ ଉପରେ ଅତ୍ୟାଚାର କରିବା ଅଧର୍ମ ଓ ପାପ ।

ଏ ଉପଦେଶ ଶ୍ରୀଗାଲବକୁ ଭଲ ଲାଗିଲା ନାହିଁ । ସେ ଶ୍ରୀକୃଷ୍ଣଙ୍କୁ ସିଧା-ସଳଖ ଶଙ୍ଖ, ଚକ୍ର ଓ ଗଦା ମାଗିଲା । ନ ଦେଲେ ଜୋର ଜବରଦସ୍ତି କରି ନେବ ବୋଲି କହିଲା । ଶ୍ରୀଗାଲବ ତା'ର ସମସ୍ତ ସୈନ୍ୟସାମନ୍ତଙ୍କୁ ଡାକରା ଦେଲା । ଶ୍ରୀକୃଷ୍ଣ ସିନା ଏକୁଟିଆ, କିନ୍ତୁ ତାଙ୍କ ସୁଦର୍ଶନର କରାମତି ଆଗରେ ଶ୍ରୀଗାଲବର ଶକ୍ତି ତୁଚ୍ଛ ଜଣାଗଲା । ତାଙ୍କ ବିଶିଆଙ୍ଗୁଳିରୁ ବାହାରି ଚକ୍ର ଶ୍ରୀଗାଲବର ସୈନ୍ୟଙ୍କୁ ଗୋଟି ଗୋଟି କରି କାଟିଦେଲା ଓ ଫେରି ଆସିଲା । କେବଳ ଶ୍ରୀଗାଲବ ତା' ରଥରେ ବସି ଅବାକ୍ ହୋଇ ଚାହିଁରହିଲା ।

ଶ୍ରୀକୃଷ୍ଣ କହିଲେ, "ମୋତେ ପରା ମୋର ଚାରି ଚିହ୍ନ ମାଗୁଥିଲ ? ଏଇ ନିଅ । ତୁମକୁ ଦେବାରେ ମୋର କୌଣସି ଆପତ୍ତି ନାହିଁ । କିନ୍ତୁ ସାବଧାନ ଏମାନଙ୍କୁ ସମ୍ଭାଳିପାରିଲେ ହେଲା" ।

ଏହା କହି ଶ୍ରୀକୃଷ୍ଣ ଗରୁଡ଼କୁ ଛାଡ଼ିଦେଲେ । ଗରୁଡ଼ ତା' ପଞ୍ଝାରେ ଶ୍ରୀଗାଲବର ରଥର ଘୋଡ଼ାଗୁଡ଼ିକୁ ମାରିଦେଲା । ଶ୍ରୀକୃଷ୍ଣ ଗଦାକୁ ଶ୍ରୀଗାଲବ ଆଡ଼କୁ ଫୋପାଡ଼ି ଦେଲେ । ସେହି ଗଦା ତା'ର ରଥକୁ ଛାରଖାର କରିଦେଲା । ଏହାପରେ ଶ୍ରୀକୃଷ୍ଣ ସୁଦର୍ଶନଚକ୍ର ପ୍ରେରଣ କଲେ । ଶ୍ରୀଗାଲବର ବେକ କଟିଗଲା ।

ମହାଭାରତରେ ଶ୍ରୀକୃଷ୍ଣଙ୍କ ପରାକ୍ରମ ବିଷୟରେ ଆମେ ଯେତେ ଗଳ୍ପ ଶୁଣୁ ସେ ସବୁ ପ୍ରାୟ ତାଙ୍କ ସୁଦର୍ଶନ ଚକ୍ରର କରାମତି । ଯୁଦ୍ଧକ୍ଷେତ୍ରରେ ତାହା କ'ଣ ନ କରିପାରେ ? ପୁଣି କାମ ସାରିଦେଇ ତା ସ୍ଥାନ ସେଇ ବିଶିଅଙ୍ଗୁଳିକୁ ଫେରି ଆସେ । ଆମ ପୁରାଣରେ ସୁଦର୍ଶନ ଚକ୍ରଠାରୁ ବଳି ଆଉ କୌଣସି ଚମତ୍କାର

ଅସ୍ତ୍ର ନାହିଁ । ଏହି ଚକ୍ରର ପ୍ରଥମ ଶିକାର ହେଉଛି ଶ୍ରୀଗାଇବ ଓ ତା'ର ସୈନ୍ୟ ସାମନ୍ତ ।

ଯେଉଁ ଅସ୍ତ୍ର ଶତ୍ରୁକୁ ଧ୍ୱଂସ କରି ନିଜ ମାଲିକ ହାତକୁ ଆପେ ଫେରି ଆସିବ ସେହି ଅସ୍ତ୍ର ହିଁ ସୁଦର୍ଶନ । ଏତକ କହିଦେଲେ ପୁରାଣର ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ବଡ଼ ସରଳ ଅସ୍ତ୍ର ବୋଲି ମନେ ହେବ, କିନ୍ତୁ ଏଠାରେ ସୁଦର୍ଶନ ଚକ୍ରକୁ ନ୍ୟୂନ କରିବା ଆମର ଉଦ୍ଦେଶ୍ୟ ନୁହେଁ । ଏ ପ୍ରକାରର ଅସ୍ତ୍ର ମୂଳରେ ଯେଉଁ ବୈଜ୍ଞାନିକ ତତ୍ତ୍ୱ ରହିଛି, ତା'ର ହିଁ ଆଲୋଚନା କରିବା ଏ ଗଳ୍ପର ଉଦ୍ଦେଶ୍ୟ ।

ଅଷ୍ଟ୍ରେଲିଆର ଆଦିବାସୀ ଏମୁ ଚଢ଼େଇ ମାଂସ ଖାଏ । ସେ ବହୁ ପୂର୍ବ କାଳରେ ଏମୁ ଛୁଆଟିଏ ମାରିବାପାଇଁ କୌଣସି ଗଛର ବଙ୍କା ଡାଳଟିଏ ଫୋପାଡ଼ିଥିବ । ଏମୁ ଛୁଆ ଦେହରେ ନବାଜି ସେଟା ଫେରିଆସି ତା' ଗୋଡ଼ ପାଖରେ ପଡ଼ିଥିବ । ସେହିଦିନଠାରୁ ସେ ପରୀକ୍ଷା ନିରୀକ୍ଷା କରି ଦେଖିଥିବ ବାଡ଼ି ବା ଡାଳଟିର ଗଠନ କିପରି ଓ କିପରି ଫୋପାଡ଼ିଲେ ତାହା ଫେରିଆସିବ । ସେଇଠୁ ଜନ୍ମନେଲା ବୁମେରଙ୍ଗ୍ ବା ଫେରନ୍ତା ଅସ୍ତ୍ର ।

ବୁମେରଙ୍ଗ୍‌ର ଭିତର ପାଖ ପତଳା ଓ ବାହାର ପାଖ ଗୋଲ ଓ ମସୃଣ । ତୁମ୍ଭେମାନେ ବେଳେ ବେଳେ ପୋଖରୀରେ ଟେକାଟିଏ ଫୋପାଡ଼ି ଦେଖିଥିବ, ଟେକାଟି କିଭଳି ପାଣି ଉପରେ ଦୁଇ ତିନିଥର ଡେଇଁ ପୋଖରୀ ଘରିପଟେ ଘୂରିଯାଏ । ସେଭଳି ଫୋପାଡ଼ିବାର ଗୋଟିଏ କାଇଦା ଅଛି । ଅଷ୍ଟ୍ରେଲିଆର ଆଦିବାସୀ ସେ କାଇଦାକୁ ଅକ୍ତିଆର କରିନେଇଛି । ଇତିହାସରୁ ଜଣାଯାଏ ସେ ସିନ୍ଧୁ ସଭ୍ୟତାବେଳର ଭାରତୀୟମାନେ ଓ ଆମେରିକାର ଲୋହିତ ଭାରତୀୟମାନେ ମଧ୍ୟ ବୁମେରଙ୍ଗ ବ୍ୟବହାର କରୁଥିଲେ ।

ଖେଳରେ ବ୍ୟବହାର ହେଉଥିବା ବୁମେରଙ୍ଗ ଫୋପାଡ଼ିଲବାଲା ପାଖକୁ ଫେରିଆସେ, କିନ୍ତୁ ଶିକାରରେ ବ୍ୟବହାର ହେଉଥିବା ବୁମେରଙ୍ଗ ଶିକାର ଦେହରେ ବାଜିଗଲେ ସେହିଠାରେ ପଡ଼ିଯାଏ ।

ଆଜି ବି ଅଷ୍ଟ୍ରେଲିଆର ଆଦିବାସୀମାନେ କଟୁରି ଭଳି ଦିଶୁଥିବା କାଠର ବୁମେରଙ୍ଗ ବ୍ୟବହାର କରନ୍ତି । ବିଜ୍ଞାନ ଅନୁଯାୟୀ ଏହି ବୁମେରଙ୍ଗ ତିନୋଟି ବିଭିନ୍ନ କାରଣରୁ ଫେରିଆସେ । ଫୋପାଡ଼ିବାର ଶକ୍ତି, କାଇଦା ଓ

କୋଣ, ବୁମେରଙ୍ଗର ନିଜର ଆବର୍ତ୍ତନ ଏବଂ ବାୟୁମଣ୍ଡଳର ବାଧା । ବୁମେରଙ୍ଗକୁ କିପରି ବଙ୍କାଇ ଧରିଲେ ଓ କେଉ ଆଡ଼କୁ ଫୋପାଡ଼ିଲେ, ଏହି ତିନୋଟିଯାକ କାରଣ ମିଶି ପ୍ରକୃଷ୍ଟ ଫଳ ଦେବ, ତା' ଅଷ୍ଟ୍ରେଲିଆର ଆଦିବାସୀ ଅଭ୍ୟାସକ୍ରମେ ଜାଣି ଯାଇଛି ।

ଆଜିକାଲି ବଜାରରେ ଗୋଲକାର ପ୍ଲାଷ୍ଟିକ୍ ଥାଳି ଖେଳନା ମିଳୁଛି । ତାକୁ କମ୍ପାନୀର ଟ୍ରେଡମାର୍କ ଅନୁସାରେ କେହି ଫ୍ରିଜ୍‌ବି କହନ୍ତି ତ କେହି ଖାଲି ଫ୍ଲାଇଂ ଡ଼ିସ୍କ କହନ୍ତି । ତା'କୁ ଫୋପାଡ଼ିବାର କାଇଦା ଅଛି; ବୁଢ଼ା ଓ ବିଶି ଆଙ୍ଗୁଳି ଭିତରେ ଧରି ଏମିତି ଘୂରାଇ ଫୋପାଡ଼ିବାକୁ ହୁଏ ଯେ ତାହା ପବନରେ ଘୂରି ଘୂରି ଲକ୍ଷ୍ୟ ସ୍ଥାନରେ ପଡ଼ିବ । ଗ୍ରହିଁଲେ ପଛ ଆଡ଼େ ବି ପଡ଼ିବ । ଯଦି ସେହି ଥାଳିଟାର ଧାର ଖୁବ୍ ଦାଢ଼ୁଆ ହୁଅନ୍ତା, ତେବେ ଯାହା ଦେହରେ ଘସି ହୋଇଯାଆନ୍ତା, ତା'କୁ କାଟିଦିଅନ୍ତା । ପ୍ରବଳ ବେଗରେ ଘୂରୁଥିବା ଯୋଗୁ ତାହା ପୁଣି ଫୋପାଡ଼ିଲାବାଲା ପାଖକୁ ଫେରି ଆସନ୍ତା । ବୁମେରଙ୍ଗ ନ ଫେରିବାର କାରଣ ତାହା ଶିକାର ଦେହରେ ଫୋଡ଼ି ହୋଇଯାଏ ବା ତାହା ଏତେ ତୀକ୍ଷ୍ଣ ନୁହେଁ ଯେ ବାଜିଲାକ୍ଷଣି ବିଗିଡ଼ କରିଦେଇ ତା'ର ପୂର୍ବ ଘୂରିବାଶକ୍ତି ଯୋଗୁ ଶିକାରୀ ପାଖକୁ ଫେରିଯିବ ।

କିନ୍ତୁ ଶ୍ରୀକୃଷ୍ଣଙ୍କ ଚକ୍ରର ଧାର କରତ ଭଳି ଏବଂ ତାହା ଏକ ବିଶେଷ ଧାତୁରେ ତିଆରି ବୋଲି ଶ୍ରୀ କେ ଏମ୍. ମୁନ୍‌ସୀ ତାଙ୍କ "କୃଷ୍ଣାବତାର" ପୁସ୍ତକରେ ଲେଖିଛନ୍ତି । ମୁନ୍‌ସୀଙ୍କ ରଚନାନୁଯାୟୀ ଶ୍ରୀକୃଷ୍ଣ ଗୋମନ୍ତକ ପର୍ବତରେ ଲୁଚିଥିବାବେଳେ ଆତ୍ରେୟ ନାମକ ଏକ କମାର ଜାତିର ଲୋକଙ୍କଠାରୁ ଧାତୁ ତରଳାଇବାର କାଇଦା ଶିଖିଥିଲେ ଏବଂ ଅଗ୍ନିଙ୍କୁ ପ୍ରାର୍ଥନା କରି ଯେଉଁ ବିଶେଷ ଧରଣର ଧାତୁଚକ୍ର ତିଆରି କରିଥିଲେ ତାହା ହିଁ ସୁଦର୍ଶନଚକ୍ର । କେବଳ ଶ୍ରୀକୃଷ୍ଣ ହିଁ ସେହି ଚକ୍ର ଫୋପାଡ଼ିବାର ଅଭିନବ କୌଶଳ ଜାଣିଥିଲେ । ଚକ୍ରର ଧାର କରତଭଳି ସୂକ୍ଷ୍ମ, ଦନ୍ତୁରିତ ଓ ଶାଣଦିଆ ହୋଇଥିବାରୁ ତାହା ନିଜର ଗତି ଶକ୍ତି ବା ମୋମେଣ୍ଟମ୍ ନ ହରାଇ ଶତ୍ରୁର ବେକ କାଟି ଶ୍ରୀକୃଷ୍ଣଙ୍କ ବିଶି ଆଙ୍ଗୁଳିକୁ ଫେରିଆସୁଥିଲା ।

● ● ●

# ଦ୍ରୌପଦୀଙ୍କ ଅକ୍ଷୟ ପାତ୍ର ଓ ତାର ବୈଜ୍ଞାନିକ ସମ୍ଭାବନା

ଦୁଃଶାସନଦ୍ୱାରା ବିବସ୍ତ୍ର ହେଉଥିଲାବେଳେ ଦ୍ରୌପଦୀଙ୍କ ଅଭିଶାପ ଫଳରେ ଚାରିଆଡ଼େ ଅଶୁଭ ଲକ୍ଷଣ ଦେଖାଦେଲା । ଦିନଟାରେ ଶିଆଳ ଭୁକିଲେ, ଶାଗୁଣା, ପେଚା ଆଦି ଚିତ୍କାର କଲେ ଓ ଗଧ ବୋବାଇଲେ । ଏଭଳି ଅସହ୍ୟ ପରିସ୍ଥିତିରୁ ରକ୍ଷା ପାଇବା ଲାଗି ଧୃତରାଷ୍ଟ୍ର ସତୀ ଦ୍ରୌପଦୀଙ୍କୁ ବର ମାଗିବାପାଇଁ କହିଲେ । ଦୁଇଟି ବରରେ ପାଞ୍ଚଭାଇଙ୍କୁ ମୁକ୍ତ କରି ନେଇ ହସ୍ତିନାପୁରରୁ ବିଦାୟ ନେଲାବେଳେ ଦ୍ରୌପଦୀ ଓ ପାଞ୍ଚ ପାଣ୍ଡବଙ୍କୁ ସେମାନଙ୍କ ଧନସଂପତ୍ତି ମଧ୍ୟ ଫେରାଇ ଦିଆଯାଇଥିଲା ।

କିନ୍ତୁ ଦୁର୍ଯ୍ୟୋଧନ ପିତା ଧୃତରାଷ୍ଟ୍ରଙ୍କୁ ବୁଝାଇଲେ ଯେ ପାଣ୍ଡବମାନେ କେବେ ପଶାଖେଳରେ ହାରିବା ଅପମାନ ଭୁଲିବେ ନାହିଁ, ତେଣୁ ସେମାନଙ୍କୁ ଆଉଥରେ ପଶା ଖେଳକୁ ଡାକି ରାଜ୍ୟରୁ ବାହାର କରିଦିଆଯାଉ । ଆଉ ଥରେ ପଶାଖେଳରେ ହାରି ପଣ ଅନୁଯାୟୀ ଦ୍ରୌପଦୀସହ ପାଣ୍ଡବମାନେ ବାରବର୍ଷ ପାଇଁ ସାଧାରଣ ବନବାସ ସ୍ୱୀକାର କଲେ ଓ ଆଉ ଗୋଟିଏ ବର୍ଷ ଅଜ୍ଞାତ ବନବାସ କରିବେ ବୋଲି ଘଞ୍ଚ ବନକୁ ଚାଲିଗଲେ । ବଣରେ ସେମାନେ ଖୁସିରେ ଅଛନ୍ତି ଓ ମୁନିଋଷିମାନେ ସେମାନଙ୍କୁ ନିୟମିତ ଦେଖାକରିବାକୁ ଯାଉଛନ୍ତି ଶୁଣି ଦୁର୍ଯ୍ୟୋଧନ ଈର୍ଷାରେ ଜଳିଉଠିଲା ।

ଦୁର୍ବାସା ଜଣେ ବଦ୍‌ରାଗୀ ଋଷି ବୋଲି ସମସ୍ତେ ଜାଣନ୍ତି । ସେ କିପରି ପାଣ୍ଡବମାନଙ୍କ ଉପରେ ରାଗନ୍ତୁ ଓ ଅଭିଶାପ ଦିଅନ୍ତୁ ଏହି ଚିନ୍ତା କରି ଦୁର୍ଯ୍ୟୋଧନ ଦୁର୍ବାସାଙ୍କୁ ନିମନ୍ତ୍ରଣ କରିଆଣିଲା । ସେ ତାଙ୍କର ଏତେ ସେବା ଶୁଶ୍ରୂଷା କଲା ଯେ ଦୁର୍ବାସା ଖୁସି ହୋଇ ଦୁର୍ଯ୍ୟୋଧନର ଇଚ୍ଛା ପୂର୍ଣ୍ଣ କରିବାପାଇଁ ବର ଯାଚିଲେ ।

ଦୁର୍ଯ୍ୟୋଧନ ହାତଯୋଡ଼ି କହିଲା, "ଆପଣ ଦଶହଜାର ଶିଷ୍ୟ ସାଙ୍ଗରେ ନେଇ ଦ୍ରୌପଦୀ ଖାଇସାରିବାପରେ ସେମାନଙ୍କର ଅତିଥି ହେବେ ।"

ଦୁର୍ଯ୍ୟୋଧନ ଶୁଣିଥିଲା ଯେ ପାଣ୍ଡବମାନେ ବନବାସକୁ ଗଲାବେଳେ ସୂର୍ଯ୍ୟଦେବତା ପାଣ୍ଡବମାନଙ୍କୁ ଗୋଟିଏ ଭୋଷାଇହାଣ୍ଡି ଦେଇଥିଲେ । ଏଥିରେ ଥରେ ଭୋଷାଇ କଲେ ସମସ୍ତେ ଖାଇସାରି ଦ୍ରୌପଦୀ ଖାଇବାପର୍ଯ୍ୟନ୍ତ ଅନ୍ନ ବଳକା ରହିବ । ଏହି ପାତ୍ରର ନାମ ଅନନ୍ତ ପାତ୍ର । ଦ୍ରୌପଦୀ ଖାଇସାରିଥିଲେ ସେଥିରେ ଭୋଷାଇର ଅନ୍ନ ଆଉ ନ ଥିବ । ଏହି ରହସ୍ୟ ଜାଣିଥିବାରୁ ଖାଇ-ସାରିବାପରେ ଦୁର୍ବାସା ପହଞ୍ଚନ୍ତୁ ବୋଲି ଦୁର୍ଯ୍ୟୋଧନ ପ୍ରାର୍ଥନା କରିଥିଲା ।

ଦଶହଜାର ଶିଷ୍ୟ ସାଙ୍ଗରେ ଧରି ଦୁର୍ବାସା ପାଣ୍ଡବଙ୍କ ବନବାସ ସ୍ଥାନରେ ଯଥାସମୟରେ ପହଞ୍ଚିଗଲେ । ଧର୍ମରେ ଅଟଳ ରହୁଥିବା ଯୁଧିଷ୍ଠିର ସେମାନଙ୍କୁ ସ୍ୱାଗତ କଲେ ଏବଂ ଭୋଷାଇ କରିବା ବିଳମ୍ବ ହେବ ଜାଣି ସେମାନଙ୍କୁ ନଦୀରେ ସ୍ନାନ କରି ଆସନ୍ତୁ ବୋଲି ଅନୁରୋଧ କଲେ । ଦୁର୍ବାସା କହିଲେ, "ଆମେ ଫେରିବାବେଳକୁ ଯେପରି ତୃପ୍ତିକର ଭୋଜନ ପ୍ରସ୍ତୁତ ହୋଇ ରହିଥିବ ।"

ଯୁଧିଷ୍ଠିରଙ୍କଠାରୁ ଏକଥା ଶୁଣି ଦ୍ରୌପଦୀ ଚିନ୍ତାରେପଡ଼ିଲେ । ସେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । ସବୁକଥା ଜାଣିଥିବା କୃଷ୍ଣ ଆବିର୍ଭୂତ ହୋଇ ପ୍ରଥମେ ନିଜେ କିଛି ଖାଇବାକୁ ଚାହିଁଲେ । "ମୁଁ ଖୁବ୍ ଭୋକିଲା ଅଛି । ଆଗେ ଖାଏଁ, ପରେ ତୁମ କଥା ବୁଝିବି" ବୋଲି ସେ ଦ୍ରୌପଦୀଙ୍କୁ କହିଲେ ।

"ମୁଁ ତ ଏକ୍ଷଣି କହିଲି ଯେ ଅନ୍ନ ଟିକିଏ ହେଲେ ନାହିଁ, ଅଥଚ ତୁମେ ଥଟ୍ଟା କରି ଖାଇବାକୁ ମାଗୁଛ ?" ଦ୍ରୌପଦୀଙ୍କ ଏ ପ୍ରଶ୍ନରେ କୃଷ୍ଣ ଗମ୍ଭୀର ହୋଇ କହିଲେ, "ବର୍ତ୍ତମାନ ଥଟ୍ଟା କରିବାର ବେଳ ନୁହେଁ । ତୁମ ହାଣ୍ଡିରେ କ'ଣ ଅଛି ଦେଖାଅ । ମୋତେ ଖୁବ୍ ଭୋକ କରୁଛି । ଆଉ ମୁଁ ଖୁବ୍ କ୍ଳାନ୍ତ ।"

ଦ୍ରୌପଦୀ ହାଣ୍ଡି ଆଣି ଦେଖାଇବାରୁ ଶ୍ରୀକୃଷ୍ଣ ତହିଁରେ ଠାଏ ଗୁଡ଼ଳଟିଏ ଓ ତରକାରୀର ଟିକିଏ ଚିହ୍ନ ରହିଥିବାର ଦେଖିଲେ ।

ସାଙ୍ଗେ ସାଙ୍ଗେ ଶ୍ରୀକୃଷ୍ଣଙ୍କ ମୁହଁରୁ ବାହାରିଲା, 'ଏତକରେ ସାରା ବ୍ରହ୍ମାଣ୍ଡର ଆତ୍ମା ସନ୍ତୁଷ୍ଟ ହେଉ ।"

ତେଣେ ନଦୀରେ ସ୍ନାନ କରୁ କରୁ ଦଶହଜାର ଋଷିଙ୍କ ମଧ୍ୟରୁ ଜଣଙ୍କ ପରେ ଜଣେ ଆସି ଦୁର୍ବାସାଙ୍କୁ କହିଲେ—ମୋର ଆଉ ଭୋକ ନାହିଁ । ଜଣେ

କ୍ଷଣେ କହିଲେ, ମୋତେ ଲାଗୁଛି ସତେ ଯେପରି ଛଅଦିନପାଇଁ ଖାଇ ଦେଇଛି । ନିଜେ ଦୁର୍ବାସା ବି ଅନୁଭବ କଲେ, ତାଙ୍କର ଭୋକ ମରିଯାଇଛି । କୋଉ ମୁହଁରେ ସେ ଦ୍ରୌପଦୀଙ୍କ ସାମନା କରିବେ ? କହିଲେ"ଦ୍ରୌପଦୀ ଯେଉଁ ଖାଦ୍ୟ ତିଆରି କରିଥିବେ, ତାକୁ ନଷ୍ଟ କରିବା ଦୋଷରେ ଭାଗୀ ହେବା ଅପେକ୍ଷା ଚାଲ ଏଠାରୁ ପଳାଇଯିବା ।" ଦୁର୍ବାସାଙ୍କ କଥା ତାଙ୍କର ଶିଷ୍ୟମାନେ ମାନି ଫେରି ଚାଲିଗଲେ ।

ଶ୍ରୀକୃଷ୍ଣଙ୍କ ସାହାଯ୍ୟ ପାଇ ଦ୍ରୌପଦୀ ଏହିପରି ଦୁର୍ବାସାଙ୍କ ଅଭିଶାପରୁ ରକ୍ଷା ପାଇଗଲେ ।

ଏ ଗଳ୍ପରେ ଶ୍ରୀକୃଷ୍ଣ ରନ୍ଧନପାତ୍ରଟିକୁ ଧରି ଯାଦୁକର ଭଳି ଶବ୍ଦ ଉଚ୍ଚାରଣ କରୁଛନ୍ତି । ଯାଦୁକରମାନେ ଅଳ୍ପ ଜିନିଷ ଦେଖାଇ ତହିଁରୁ ପ୍ରଚୁର ପରିମାଣର କାର୍ଡ଼ ଦେଖାନ୍ତି । ତା ହେଉଛି ହାତସଫାଇର କାମ । ଦର୍ଶକ ଦେଖି ନ ଥାଏ କେଉଁଠି ଯାଦୁକର ଏତେ ଜିନିଷ ଲୁଚାଇ ରଖିଛି । ଏ ଗଳ୍ପଟିରେ ଖାଇବାବାଲା ଖାଦ୍ୟଠାରୁ ବହୁତ ଦୂରରେ ଅଛନ୍ତି । ନଦୀରେ ଗାଧୋଉଛନ୍ତି । ସେହିଠାରେ ହିଁ ସେମାନଙ୍କ ଭୋକ ମରିଯାଇଛି । ପେଟ ପୂରିଉଠିଲା ଭଳି ଜଣାଯାଇଛି । ଅର୍ଥାତ୍ ଶ୍ରୀକୃଷ୍ଣ ଏପରି କାମ କଲେ ଯେ ଭୋକ ହେବାର ଯେଉଁ ଭାବନା ତାହା ନଷ୍ଟ ହୋଇଗଲା ।

ମଣିଷର ମୁଣ୍ଡରେ ବିଭିନ୍ନ ପ୍ରକାର ଭାବନାର କେନ୍ଦ୍ର ରହିଛି । ଏସବୁ ହାଇପୋଥାଲମସ୍‌ଦ୍ୱାରା ନିୟନ୍ତ୍ରିତ । ମଣିଷର ଅନୁଭୂତି ବା ମନୋଭାବ ବା ଆବେଗ ଏହିଠାରୁ ଜନ୍ମ ନେଇଥାଏ ଏବଂ ଏଠାକାର ନିର୍ଦ୍ଦେଶ ରାସାୟନିକ କ୍ଷରଣଦ୍ୱାରା ଦେହର ବିଭିନ୍ନ ଅଙ୍ଗକୁ ଯାଇଥାଏ । ଯଥା ପାକନଳୀ ନିର୍ଦ୍ଦେଶ ପାଇଲେ ଆମକୁ ଭୋକ ଲାଗେ ବା ଖାଇବାକୁ ଇଚ୍ଛା ହୁଏ । ମସ୍ତିଷ୍କର କୋଷଗୁଡ଼ିକ ବା ହାଇପୋଥାଲମସ୍ ନ୍ୟୁରୋପେପ୍‌ଟାଇଡ଼୍ ନାମକ ଛୋଟ ଛୋଟ ପ୍ରୋଟିନସ୍ଥଳଭ କେତେ ପ୍ରକାରର କେମିକାଲ୍ (ରାସାୟନିକ ପଦାର୍ଥ) ତିଆରି କରେ । ଅଫିମ, ଏଣ୍ଡର୍ଫିନ ଭଳି ଏହି ପେପ୍‌ଟାଇଡ୍‌ମାନ କାମ କରେ । ମଣିଷର ଚିତ୍ତବୃତ୍ତି ବା ମନୋଭାବକୁ ଭୁଲାଇ ଦେଇପାରେ କିମ୍ବା ବଢ଼ାଇ ଦେଇପାରେ ।

ବୈଜ୍ଞାନିକମାନେ ଆଜିକାଲିର ଗବେଷଣା ଉପରେ ନିର୍ଭର କରି କହୁଛନ୍ତି ଯେ ମଣିଷର ମସ୍ତିଷ୍କରେ ସୂକ୍ଷ୍ମାତିସୂକ୍ଷ୍ମ ବିଜୁଳି ସ୍ରୁଅ ଛୁଟିଥାଏ ଓ ତାହା ହିଁ ସ୍ନାୟୁମାନଙ୍କୁ ଉତ୍ତେଜିତ କରାଇଥାଏ ବା ଖବର ଦିଏ । ଏହି ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗକୁ ବାହାରରୁ ବି ନିୟନ୍ତ୍ରଣ କରିହେବ, କିନ୍ତୁ ଏଥିପାଇଁ ଉପଯୁକ୍ତ କ୍ଷୀଣ ଶକ୍ତିର ଓ ତରଙ୍ଗର ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତି ପଠାଇବାର କ୍ଷମତା ଆମକୁ ଅକ୍ତିଆର କରିବାକୁ ପଡ଼ିବ । ଆଉ ତିରିଶ ଚାଳିଶ ବର୍ଷ ପରେ ବୈଜ୍ଞାନିକମାନେ ଏପ୍ରକାର ଶକ୍ତି ଓ କ୍ଷମତା ପାଇଯାଇଥିବେ ବୋଲି ଭବିଷ୍ୟତ୍‌ବାଣୀ ଶୁଣାଇଲେଣି । ବ୍ରେନ୍‌ରେଡ଼ିଓ ବା ମସ୍ତିଷ୍କ ବେତାରଯନ୍ତ୍ର ବାହାରିବ । ଆଜିକାଲିର କଂପ୍ୟୁଟର-ଗୁଡ଼ିକ ଶୈଶବ ଅବସ୍ଥାରେ । ଦିନ ଆସିବ, ଯେତେବେଳେ କଂପ୍ୟୁଟର ମଣିଷ ମନର ଭାବ ବା ଇନ୍‌ଟ୍ୟୁସନ୍‌କୁ ଜାଣିପାରିବ । ତିରିଶ ଚାଳିଶ ବର୍ଷ ପରେ ଗୁଡ଼ିଏ ନ୍ୟୁରୋଟ୍ରନ୍‌ସମିଟର ଲଗାହୋଇଥିବା କଂପ୍ୟୁଟର ଆଜିକାଲିର 'ହିଅରିଂ ଏଡ୍' ଭଳି ଛୋଟ ଆକାରର ହେବ । ଏହା ବାହାରର ଖବର ଗ୍ରହଣ କରି ମସ୍ତିଷ୍କର ବିଦ୍ୟୁତ୍ ସ୍ରୋତକୁ ପ୍ରଭାବିତ କରିବ । ଏହାର ଫଳ କ'ଣ ହେବ ତାହା ବିଚାର କରିବା କଥା ।

ଡାକ୍ତରମାନେ ମର୍ଫିନ୍ ଭଳି ନିଶାଦ୍ରବ୍ୟ ବ୍ୟବହାର କରି ରୋଗୀର କଷ୍ଟକୁ ଭୁଲାଇ ଦିଅନ୍ତି । ନିଶାଗ୍ରସ୍ତ ବ୍ୟକ୍ତି କୋକେନ୍, କ୍ରାକ, ବ୍ରାଉନ୍ ସୁଗାର ଭଳି କେତେଗୁଡ଼ିଏ କେମିକାଲ୍ ଖାଇ ନିଷ୍ଚେତକର ପ୍ରଭାବରେ କେବଳ ପଡ଼େ ନାହିଁ, ଆନନ୍ଦର କଳ୍ପନା ରାଇଜରେ ଘୂରିବୁଲେ । ଏହାକୁ ଇଂରାଜୀରେ 'ହାଲୁସିନେସନ୍' କହନ୍ତି । ଏଭଳି ମତିଭ୍ରମ ଘଟିବାର କାରଣ, ନିଶା ମସ୍ତିଷ୍କର କେତେଗୁଡ଼ିଏ ନ୍ୟୁରୋଟ୍ରାନ୍‌ସମିଟର'କୁ ଉତ୍ତେଜିତ କରାଇ, ଅନ୍ୟସବୁ ଅଙ୍ଗର କାମକୁ ଦବାଇ ଦିଏ ଏବଂ ମଣିଷକୁ ଖୁସି କରେ । ବ୍ରେନ୍ ରେଡ଼ିଓ ଠିକ୍ ଏହିଭଳି କାମ କରିବ । ବ୍ରେନ୍ ରେଡ଼ିଓକୁ ବ୍ୟବହାର କରି ମନଇଚ୍ଛା ଯେଉଁ ପ୍ରକାରର ସୁଖ ଓ ଆନନ୍ଦ ଦରକାର ତାହା ପାଇହେବ । ବୈଜ୍ଞାନିକମାନେ କହନ୍ତି, ଏହାର ସଦ୍‌ବ୍ୟବହାର ହେଲେ ଲୋକଙ୍କ ଭିତରେ ଅପରାଧପ୍ରବଣତା ଏପରିକି ଯୌନ ଅପରାଧ ମଧ୍ୟ କମିଯିବ । ଭୋକ ହେବାର ଭାବନା ବା ସେନ୍‌ସେସନ ଯେଉଁଠାରୁ ଆସେ ତାକୁ ପ୍ରଭାବିତ କରି ବ୍ରେନ୍ ରେଡ଼ିଓ ଭୋକ ବନ୍ଦ କରିପାରିବ ବା ପେଟ ପୂରିରହିଥିବାର ମନୋଭାବ ଆଣିଦେବ । ସେତେବେଳେ ଆଉ ଖାଇବାକୁ ଇଚ୍ଛା ହେବ କି ?

ଶ୍ରୀକୃଷ୍ଣ ଯେତେବେଳେ ଅସରନ୍ତି ପାତ୍ରଟିରେ ଲାଗିଥିବା ଶାଗ ବା ପରିବା ଟିକିଏ ଦେଖି ମନ୍ତ୍ର କଲାଭଳି କାମ କଲେ, ସେତେବେଳେ ସେ ଏହି ପ୍ରକାରର ବ୍ରେନ୍‌ରେଡ଼ିଓର କାମ କରିଥିବେ ଓ ତାହାଦ୍ୱାରା କେବଳ ଦୁର୍ବାସା ନୁହନ୍ତି, ତାଙ୍କର ଶିଷ୍ୟମାନଙ୍କର ମଧ୍ୟ ପେଟ ପୂରିଥିବାର ସନ୍ତୋଷ ଆଣିଦେଇଥିବ ।

ଭବିଷ୍ୟତରେ ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗଭଳି ବା ବ୍ରେନ୍‌ରେଡ଼ିଓ ଭଳି ପ୍ରକ୍ରିୟାରେ ଦୂରରେ ଥିବା ଲୋକର ଭୋକକୁ ଯେ ନିୟନ୍ତ୍ରଣ କରି ହେବ, ତିନିଚାରି ହଜାର ବର୍ଷତଳେ ମହାଭାରତରଚୟିତା ଭାବିପାରିଥିଲେ ଜାଣିଲେ ଯେତିକି ଖୁସି ଲାଗେ ତା'ଠାରୁ ବେଶି ଆଶ୍ଚର୍ଯ୍ୟ ଲାଗେ ।

● ● ●

# ଦିବ୍ୟାସ୍ତ୍ର ଓ ଏ ଯୁଗର କ୍ଷେପଣାସ୍ତ୍ର

ପାଣ୍ଡବମାନେ ବାରବର୍ଷର ବନବାସରେ ଥିଲାବେଳେ ଦିନେ ଶ୍ରୀକୃଷ୍ଣ ସେମାନଙ୍କ ପାଖରେ ଆସି ପହଞ୍ଚିଲେ । କଥାବାର୍ତ୍ତା ପ୍ରସଙ୍ଗରେ ଦ୍ରୌପଦୀ କ୍ରୋଧ ପ୍ରକାଶ କରି କହିଲେ ଶ୍ରୀକୃଷ୍ଣ ଥାଉଁ ଥାଉଁ ସେ ଦୁର୍ଯ୍ୟୋଧନ ଓ ଦୁଃଶାସନଦ୍ୱାରା ଅପମାନିତ ହେଲେ । ପାଞ୍ଚ ପାଣ୍ଡବ ବି ଅସହାୟ ହୋଇ ରହିଲେ ।

ଭୀମ ଓ ଅର୍ଜୁନ ମଧ୍ୟ ସେହିଭଳି କ୍ଷୋଭ ପ୍ରକାଶ କଲେ । ଦୁର୍ଯ୍ୟୋଧନ ଓ ଦୁଃଶାସନ ଉପରେ ପ୍ରତିଶୋଧ ନେବାକୁ ସେମାନଙ୍କ ଇଚ୍ଛା ବୋଲି କହିଲେ ।

ସେମାନଙ୍କ କ୍ରୋଧ ଶାନ୍ତ କରାଇ ଶ୍ରୀକୃଷ୍ଣ ଜଣାଇଲେ ଯେ ତ୍ରୟୋଦଶ ବର୍ଷ ଅଜ୍ଞାତବାସ ପରେ କୌରବ-ପାଣ୍ଡବ ଯୁଦ୍ଧ ଅନିବାର୍ଯ୍ୟ । ପାଣ୍ଡବମାନେ ସଙ୍ଗେ ସଙ୍ଗେ ଯୁଦ୍ଧର ଆୟୋଜନ କରନ୍ତୁ । କୌରବ ପକ୍ଷର ବଡ଼ ବଡ଼ ଯୋଦ୍ଧାଙ୍କୁ ହରାଇବାଲାଗି ଅର୍ଜୁନ ଦିବ୍ୟ ଅସ୍ତ୍ର ଓ ଶକ୍ତିର ସନ୍ଧାନରେ ବାହାରିଯାଉ ।

ପ୍ରଥମେ ଅର୍ଜୁନ ଇନ୍ଦ୍ରଙ୍କୁ ତପସ୍ୟା କଲେ । ଅର୍ଜୁନ କୁନ୍ତୀ ପୁତ୍ର କିନ୍ତୁ ଇନ୍ଦ୍ରଙ୍କ ଆଶୀର୍ବାଦକ୍ରମେ କୁନ୍ତୀ ଗର୍ଭରୁ ଜନ୍ମଲାଭ କରିଥିଲେ । ସ୍ୱର୍ଗରେ ଇନ୍ଦ୍ର ଅର୍ଜୁନଙ୍କ ଡାକ ଶୁଣିଲେ ଏବଂ ତାଙ୍କ ସମ୍ମୁଖରେ ପ୍ରକଟ ହେଲେ । ଅର୍ଜୁନ ପ୍ରଣାମ କରିବାପରେ ଇନ୍ଦ୍ର ତାଙ୍କୁ ବର ମାଗିବାକୁ କହିଲେ । ଅର୍ଜୁନ କହିଲେ, "ହେ ପ୍ରଭୁ , ଆଗାମୀ ମହାଯୁଦ୍ଧପାଇଁ ମୋର ଦିବ୍ୟ ଅସ୍ତ୍ର ଦରକାର । ତାହା ହିଁ ମୋତେ ପ୍ରଦାନ କରନ୍ତୁ ।"

ଅର୍ଜୁନଙ୍କ ପ୍ରାର୍ଥନା ଶୁଣି ଇନ୍ଦ୍ର ଟିକେ ହସିଦେଇ କହିଲେ, "ଅର୍ଜୁନ, ତୁମେ ଯେଉଁ ପ୍ରଳୟଙ୍କରୀ ଅସ୍ତ୍ର ଚାହୁଁଛ, ତାହା କେବଳ ମହାଦେବ ତୁମକୁ ଦେଇପାରିବେ । ପ୍ରଥମେ ତାଙ୍କଠାରୁ ପାଶୁପତ ପାଇବାପାଇଁ ତପସ୍ୟା କର । ତା'ର ପ୍ରାପ୍ତି ପରେ ମୋ ପାଖକୁ ଆସିବ । ମୁଁ ଅନ୍ୟାନ୍ୟ ଅସ୍ତ୍ର-ଶସ୍ତ୍ର ଦେବି ।" ଏହା କହି ଇନ୍ଦ୍ର ଅନ୍ତର୍ହିତ ହୋଇଗଲେ ।

ଏହାପରେ ଅର୍ଜୁନ ମହାଦେବଙ୍କ ଆରାଧନାରେ ମଗ୍ନ ହୋଇଗଲେ । ବହୁଦିନ ବିତିଗଲା । ଏଣେ ହସ୍ତିନାପୁରରେ ଦୁର୍ଯ୍ୟୋଧନ ବନବାସୀ ପାଣ୍ଡବଙ୍କୁ ମାରିବାପାଇଁ ଷଡ଼ଯନ୍ତ୍ର କରୁଥିଲା । ଗୋଟାଏ ମଣିଷଖିଆ ରାକ୍ଷସକୁ ଅର୍ଜୁନଙ୍କ ତପସ୍ୟା ଭାଙ୍ଗିବାକୁ ଏବଂ ତାଙ୍କୁ ମାରିଦେବାପାଇଁ ପଠାଇଲା । ରାକ୍ଷସଟା ଅର୍ଜୁନ ତପସ୍ୟା କରୁଥିବା ଜଙ୍ଗଲରେ ପହଞ୍ଚିଲା । ସେ ବରାହ ରୂପ ଧରି ତୀବ୍ର ବେଗରେ ଧାଇଁ ଆସିଲା ଧ୍ୟାନମଗ୍ନ ଅର୍ଜୁନଙ୍କୁ ଭୁଷିଦେବା ପାଇଁ । ଭୂଇଁ ଉପରେ ଜୋରରେ ଦଉଡ଼ୁଥିବା ଟାପୁ ଶବ୍ଦ ଶୁଣି ଅର୍ଜୁନଙ୍କ ଧ୍ୟାନ ଭାଙ୍ଗିଗଲା । ଆଖି ଖୋଲି ସେ ଦେଖନ୍ତି ଯେ ଗୋଟିଏ ବିରାଟକାୟ ବରାହ ମୁହଁ ତଳକୁ କରି ତାଙ୍କ ଆଡ଼କୁ ଧାଇଁ ଆସୁଛି !

ସେ ସାଙ୍ଗେ ସାଙ୍ଗେ ପାଖରେ ରଖିଥିବା ଗାଣ୍ଡୀବ ଧନୁ ଉଠାଇଲେ, ତୂଣୀରରୁ ଶର କାଢ଼ିଲେ ଏବଂ ଆସନରୁ ଉଠିପଡ଼ିଲେ । ଅସୁରକୁ ଲକ୍ଷ୍ୟ କରି ତୀର ଚଳାଇଲେ । ଶରଘାତରେ ବରାହଟା ଟଳିପଡ଼ିଲା । ନିଜର ଅସୁର ରୂପକୁ ଫେରିଆସି ରାକ୍ଷସଟା ବିକଟାଳ ରଡ଼ି ଛାଡ଼ି ପ୍ରାଣତ୍ୟାଗ କଲା ।

କିନ୍ତୁ ଆଶ୍ଚର୍ଯ୍ୟର କଥା ! ଅର୍ଜୁନ ପାଖକୁ ଯାଇ ଦେଖନ୍ତି ତ ଅସୁର ଦେହରେ ଦୁଇଟି ତୀର ଲାଗିଛି । ସେ ତ କେବଳ ଗୋଟିଏ ତୀରରେ ବରାହଟିକୁ ମାରିଥିଲେ । ତେବେ ଅନ୍ୟ ତୀରଟି କାହାର ?

ସେ ଦୃଷ୍ଟି ବୁଲାଇ ଦେଖିଲେ, ଦୂରରେ ଗୋଟିଏ ଶିକାରୀ ଆସୁଛି । ବର୍ଣ୍ଣ ତାର କଳା, କିନ୍ତୁ ସୁଗଠିତ ଚେହେରା । ହାତରେ ଅଛି ଧନୁ ଓ କାନ୍ଧରେ ଝୁଲୁଛି ତୂଣୀର । ଶିକାରୀ ଜଣକ ଅର୍ଜୁନଙ୍କ ସାମନାରେ ଆସି ଠିଆ ହୋଇଗଲା ।

ଅର୍ଜୁନ କହିଲେ, "ତୁମେ ସେ ଅସୁର ଶରୀରରୁ ତୁମ ତୀର କାଢ଼ିନିଅ, ଶିକାରୀ । ମୁଁ ତାକୁ ନିହତ କରିଛି । ତା' ଉପରେ ହିଁ ମୋର ଅଧିକାର ।"

ଶିକାରୀ କହିଲା, "କିନ୍ତୁ ମୋ ଶର ତ ତା'କୁ ମାରିଛି । ଅସୁର ମରିଯିବାପରେ ହିଁ ତୁମ ତୀର ତାର ମୃତ ଶରୀରରେ ବାଜିଛି ।"

ଅର୍ଜୁନ ଟିକେ ରାଗିଯାଇ କହିଲେ, "ତୁମେ କ'ଣ କହୁଛ, ନିଜେ ଜାଣି ନାହଁ । କାହା ସଙ୍ଗେ କଥା କହୁଛ ଜାଣିଛ ? ମୁଁ କୁନ୍ତୀପୁତ୍ର ଅର୍ଜୁନ । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶ୍ରେଷ୍ଠ ଶିଷ୍ୟ ।"

ଶିକାରୀ ହସି ଦେଇ କହିଲା, "ଓ ! ଖୁବ୍ ଗର୍ବ ତ ! ମୁଁ ତ କୌଣସି ଅର୍ଜୁନ ଫର୍ଜୁନ ଚିହ୍ନି ନାହିଁ । ଯଦି ଗୁରୁଙ୍କଠାରୁ ରଣକୌଶଳ ଶିଖିଛ, ତେବେ ତାହା ଗୁରୁଙ୍କ କୃତିତ୍ୱ, ତୁମର ଗର୍ବ କରିବାର କାରଣ ନାହିଁ । ଆଉ ଯଦି ଗୁରୁଙ୍କର ଶ୍ରେଷ୍ଠ ଶିଷ୍ୟ । ତେବେ ତୁମ ଗୁରୁ ତୁମକୁ ଗର୍ବ ନ କରିବାପାଇଁ ଶିକ୍ଷା ଦେବାକୁ ଭୁଲି ଯାଇଛନ୍ତି ।"

ଅର୍ଜୁନ ନିଜେ ବୁଝିପାରିଲେ ଯେ ସେ ଗର୍ବ କରୁଛନ୍ତି । ସେ କହିଲେ, "ମୋର କହିବାର ଉଦ୍ଦେଶ୍ୟ ଗର୍ବ କରିବା ନୁହେଁ । ମୁଁ କେବଳ ମୋର ପରିଚୟ ଦେଉଥିଲି, କିନ୍ତୁ ତା ଅର୍ଥ ନୁହେଁ ଯେ ଅସୁରକୁ ତୁମେ ହିଁ ବଧ କରିଛ ।"

ଶିକାରୀ କହିଲା, "କିଏ ଆଗେ ତୀର ମାରିଛି, କିଏ ପଛେ ମାରିଛି, ତାହା କେବଳ ପରୀକ୍ଷାରେ ହିଁ ଜଣାପଡ଼ିବ । ଆମ ଭିତରୁ କିଏ ପ୍ରକୃତ ଧନୁର୍ଦ୍ଧର ଆସ ଦେଖିବା ।" ଏହା କହି ଶିକାରୀ ଅର୍ଜୁନଙ୍କ ସାମନାରୁ ଟିକେ ଘୁଞ୍ଚି ଦୂରେଇଗଲା ଏବଂ ଯୁଦ୍ଧ କରିବାର ପ୍ରସ୍ତୁତି ଦେଖାଇଲା ।

ଅର୍ଜୁନ ଯୁଦ୍ଧର ଆହ୍ୱାନ ଶୁଣି ଚୁପ୍ ରହିପାରିଲେ ନାହିଁ । ଗାଣ୍ଡୀବକୁ ବାମ ହାତରେ ଭଲ କରି ଧରି ଡାହାଣ ହାତରେ ତୀର ଯୋଖିଛନ୍ତି କି ନାହିଁ, ଶକାରୀ ଗୁଡ଼ାଏ ବାଣ ଛାଡ଼ିଦେଲା । ଫଳରେ ଅର୍ଜୁନ କୌଣସି ପ୍ରତିକ୍ରିୟା ଦେଖାଇବା ପୂର୍ବରୁ ଗୋଟାଏ ଗଛ ଦେହରେ ବନ୍ଦୀ ହୋଇଗଲେ ।

ଏବେ ଅର୍ଜୁନ ଜାଣିଲେ ଯେ ଶିକାରୀ ମହାଦେବଙ୍କ ବ୍ୟତୀତ ଆଉ କେହି ନୁହନ୍ତି । ଅର୍ଜୁନ ଜାଣିଥିଲେ ଚାରିଜଣ ଧନୁର୍ଦ୍ଧର ତାଙ୍କୁ ହରାଇପାରିବେ— ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ଦେବରାଜ ଇନ୍ଦ୍ର ଏବଂ ମହାଦେବ ପିତାମହ ଏବଂ ଆଚାର୍ଯ୍ୟ ତ ହସ୍ତିନାପୁରରେ । ଇନ୍ଦ୍ରଦେବ ତ ଆଶୀର୍ବାଦ ଦେଇ ସାରିଛନ୍ତି । ତେଣୁ ଏ ନିଶ୍ଚୟ ମହାଦେବ । ଅର୍ଜୁନ ସାଙ୍ଗେ ସାଙ୍ଗେ ଶିକାରୀଙ୍କୁ ପ୍ରଣାମ କଲେ । ମହାଦେବ ନିଜ ରୂପ ଦେଖାଇଲେ ।

ଅର୍ଜୁନ ଚିହ୍ନି ପାରିଥିବାରୁ ମହାଦେବ ପ୍ରସନ୍ନ ହୋଇ ତାଙ୍କୁ ସେଦିନ ପାଶୁପତ ଅସ୍ତ୍ର ଦେଇଥିଲେ । ମହାଦେବଙ୍କ ଆଶୀର୍ବାଦ ପାଇବା ପରେ, ଅର୍ଜୁନ ସ୍ୱର୍ଗ ଅଭିମୁଖେ ଯାତ୍ରା କଲେ । ସେଠାରେ ଇନ୍ଦ୍ରଙ୍କଠାରୁ ଜଟିଳ ତୀର ଚାଳନା କୌଶଳ ଶିଖି ବିଭିନ୍ନ ପ୍ରକାର ଦିବ୍ୟାସ୍ତ୍ର ଆଣିଥିଲେ ।

ସେ ସ୍ୱର୍ଗଲୋକରୁ ଫେରିବା ପରେ ଯେତେବେଳେ ପାଞ୍ଚ ପାଣ୍ଡବ ଭାଇଙ୍କ ମିଳନ ହେଲା, ସମସ୍ତେ ସ୍ୱର୍ଗ ବିଷୟରେ ଅର୍ଜୁନଙ୍କୁ ପଚାରିଲେ ଏବଂ ପାଶୁପତ ଅସ୍ତ୍ର କିପରି କାମ କରେ ତାହା ଦେଖାଅ ବୋଲି ତାଙ୍କୁ ଅନୁରୋଧ କଲେ ।

ଅର୍ଜୁନ ଆଖି ବନ୍ଦ କରି ପାଶୁପତ ଅସ୍ତ୍ରକୁ ସ୍ମରଣ କଲେ । ତତ୍‌କ୍ଷଣାତ୍ ତାହା ଅର୍ଜୁନଙ୍କ ହାତକୁ ଆସିଗଲା । ସେ ତାକୁ ପ୍ରଣାମ କରି ଗାଣ୍ଡୀବରେ ଲଗାଇଲେ । ଧନୁ ଯୋଖି ଅସ୍ତ୍ର ପ୍ରେରଣ କରିବାକୁ ଯାଉଥିବାବେଳେ, ଆକାଶବାଣୀ ହେଲା–

'ସାବଧାନ, ଅର୍ଜୁନ ! ପାଶୁପତ ଅସ୍ତ୍ର ଭଳି ମହା ଅସ୍ତ୍ର କାହାରି ଖେଳନା ନୁହେଁ ଯେ ତୁମେ ଯେତେବେଳେ ଚାହିଁବ ସେତେବେଳେ ତାକୁ ଛାଡ଼ିଦେଇ ପାରିବ । ଏହା ପ୍ରଳୟଙ୍କରୀ ଅସ୍ତ୍ର । ଯେତେଦୂର ସମ୍ଭବ, ଏହାର ଅଯଥା ବ୍ୟବହାର ଏଡ଼ାଇ ଦିଅ । ଅତି ଅନିବାର୍ଯ୍ୟ ହେଲେ ବ୍ୟବହାର କର । ଖେଳରେ ଏ ସଂସାରକୁ ନଷ୍ଟ କର ନାହିଁ; ବିନା କାରଣରେ ପାଶୁପତ ମାରିଲେ ଦୁନିଆ ଧ୍ୱଂସ ହୋଇଯିବ ।"

ଅର୍ଜୁନ ଓ ଅନ୍ୟ ପାଣ୍ଡବମାନେ ଲଜ୍ଜିତ ହୋଇଗଲେ । ନିଜ ଗାଣ୍ଡୀବକୁ ରଖିଦେଇ ଅର୍ଜୁନ ପାଶୁପତ ଅସ୍ତ୍ରକୁ ତା' ସ୍ଥାନକୁ ଫେରାଇଦେଲେ ।

ମହାଭାରତ ଓ ରାମାୟଣରେ ଅଦ୍ଭୁତ କ୍ଷତି କରିପାରୁଥିବା ବହୁତ ଅସ୍ତ୍ରଶସ୍ତ୍ରର ବର୍ଣ୍ଣନା ଅଛି । ବର୍ତ୍ତମାନ ସେଗୁଡ଼ିକର ମାରାତ୍ମକ ଶକ୍ତି ବିଷୟ ଆଲୋଚନା କରିବାର ବେଳ ନୁହେଁ । ପୁରାଣକାରମାନେ ଯୁଦ୍ଧରେ ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ରଗୁଡ଼ିକର ଯେପରି ଶ୍ରେଣୀବିଭାଗ କରିଥିଲେ, ତହିଁରେ ଯେ ଆଧୁନିକ ଚିନ୍ତାଧାରାର ଛାପ ଥିଲା ତାହା ଦେଖିବା କଥା ।

ଆଜିକାଲି ଯୁଦ୍ଧରେ ବ୍ୟବହୃତ ହୋଇପାରୁଥିବା ସବୁ ଅସ୍ତ୍ରଶସ୍ତ୍ରକୁ ଦୁଇଭାଗ କରାଯାଏ : ଗୋଟିଏ ସାଧାରଣ ( ଇଂରାଜୀରେ conventional weapon) ଏବଂ ଦ୍ୱିତୀୟଟି ଅସାଧାରଣ ( non-conventional weapon) । ଅସାଧାରଣ ଅସ୍ତ୍ର ମଧ୍ୟରେ ବିଭିନ୍ନ କ୍ଷେପଣାସ୍ତ୍ର ଓ ପରମାଣୁ ତଥା ତାପଜ (ଉଦ୍‌ଜାନ) ବୋମା ଏବଂ ବୋମାବାହୀ ଯାନଗୁଡ଼ିକ ଗଣାଯାନ୍ତି । ଏଭଳି ଅସାଧାରଣ ଅସ୍ତ୍ରଶସ୍ତ୍ରକୁ ସେକାଳର ଲେଖକମାନେ 'ଦିବ୍ୟାସ୍ତ୍ର' ନାମ

ଦେଇଛନ୍ତି । ଅର୍ଥାତ୍ ଏଗୁଡ଼ିକ 'ନନ୍‌କନ୍‌ଭେନ୍‌ସନାଲ ୱେପନ୍' । ଏ ଅସ୍ତ୍ରଗୁଡ଼ିକର ବ୍ୟବହାରରେ କେତେଗୁଡ଼ିଏ ନୀତିନିୟମ ମାନିବା କଥା । ନଚେତ୍ କେବଳ ଶତ୍ରୁର ନୁହେଁ, ନିଜର ମଧ୍ୟ କ୍ଷତି ଘଟିବ । ଆତ୍ମରକ୍ଷାର ଚରମ ସୀମାକୁ ନ ଆସିବା ଯାଏ ଦିବ୍ୟାସ୍ତ୍ର ବ୍ୟବହାର ନିଷିଦ୍ଧ । ଏସବୁ ଶାସ୍ତ୍ରର କଥା ନୁହେଁ । ନିଜ ପକ୍ଷର ଜନତାକୁ ଅଯଥା କ୍ଷତିରେ ନ ପକାଇବାପାଇଁ କେବଳ ଯୁଦ୍ଧର ଏହି ନୀତି ନୁହେଁ, ସ୍ୱାର୍ଥ ମଧ୍ୟ ତାହା ଗୁହେଁ ।

ଏବେ ତ ପୃଥିବୀର ସାତଆଠଟି ଦେଶ ପରମାଣୁ ବୋମାର ଅଧିକାରୀ ହେଲେଣି ଏବଂ ଛଅଟି ଦେଶ ବହୁ ଦୂରଗାମୀ କ୍ଷେପଣାସ୍ତ୍ର ଅକ୍ତିଆର କରିନେଲେଣି । ତେଣୁ ପରମାଣୁ ଅସ୍ତ୍ର ଓ ପରମାଣୁ ଅସ୍ତ୍ରବାହୀ ଯାନ ସାଧାରଣ ଅସ୍ତ୍ରଶସ୍ତ୍ର ଭଳି ସେମାନଙ୍କୁ ଜଣାଯାଉଛି, କିନ୍ତୁ ଉଚ୍ଚମାନର ବିନାଶକାରୀ ଅସ୍ତ୍ରର ଅଧିକାରୀ ହିସାବରେ ଏବେ ବି ଆମେରିକା ଯୁକ୍ତରାଷ୍ଟ୍ର ଓ ସୋଭିଏତ୍ ଋଷିଆ ସେମାନଙ୍କ ଦିବ୍ୟାସ୍ତ୍ର ବ୍ୟବହାରପାଇଁ କେତେଗୁଡ଼ିଏ ନିୟମ ନିଜ ଉପରେ ଲଗୁ କରିଛନ୍ତି । ସେମାନେ ଜାଣିଛନ୍ତି ଯେ ଥରେ ଦିବ୍ୟାସ୍ତ୍ରଗୁଡ଼ିକର ବ୍ୟବହାର କଲେ ଉଭୟ ପକ୍ଷ କ୍ଷତିଗ୍ରସ୍ତ ହେବେ । ଦୁହେଁ ଦୁହିଁକୁ ବିନାଶ କରିଦେଇପାରିବେ । ଏହି ଧାରଣା ବା ପାରସ୍ପରିକ ନିଶ୍ଚିତ ଧ୍ୱଂସ ଭୟ ଉଭୟ ଆମେରିକା ଓ ରୁଷିଆକୁ ଯୁଦ୍ଧରେ ଝାସ ଦେବାରୁ ନିବର୍ତ୍ତାଇଛି । ପୃଥିବୀରେ ବିଭିନ୍ନ ସ୍ଥାନରେ ଯୁଦ୍ଧ ଲଗିଯାଇଛି ଏବଂ ସେଥିରେ ଭାଗ ନେବାର ପ୍ରବଳ ଲୋଭ ମଧ୍ୟ ଉପୁଜିଛି, କିନ୍ତୁ ଉଭୟ ପକ୍ଷ ଦୂରରେ ରହିଛନ୍ତି । ପ୍ରତ୍ୟକ୍ଷ ଯୁଦ୍ଧର ଅବସ୍ଥା କାଳେ ଆସି-ଯାଇପାରେ, ସେଥିଲାଗି ସେମାନେ ସର୍ବଦା ସାବଧାନ ରହିଛନ୍ତି । କାଳେ ଅପର ପକ୍ଷ ଆଗେ ତାର ଅସାଧାରଣ ଅସ୍ତ୍ର ବ୍ୟବହାର କରିଦେବ, ସେଥିଲାଗି ଉଭୟ ରୁଷିଆ ଓ ଆମେରିକା ନିଜର ସୀମାନ୍ତ ଇଲାକାରେ ଆଗୁଆ ଚେତାବନୀ ଦେବାର ବ୍ୟବସ୍ଥା (early warning system) କରିଛନ୍ତି । ସେ ପ୍ରକାରର ଚେତାବନୀରେ ବି ଦୋଷତ୍ରୁଟି ରହିପାରେ ବୋଲି ସେମାନେ ନିଜର ଦିବ୍ୟାସ୍ତ୍ର ବ୍ୟବହାର କରିବା ପୂର୍ବରୁ ଦୁଇ ତିନି ଥର ତନଖି କରିବାର ବ୍ୟବସ୍ଥା ରଖିଛନ୍ତି । ଆଗୁଆ ଚେତାବନୀ ବ୍ୟବସ୍ଥାରେ ରାଡ଼ାର କାମ କରେ । ବୋମାବାହୀ ଯାନ ବା କ୍ଷେପଣାସ୍ତ୍ରର ଛବି ଭଳି ଗୋଟିଏ ଗୋଟିଏ ଶାଗୁଣା ବା ଚିଲ ବି ଦେଖାଯାଇ-ପାରେ । ତେଣୁ ଆଜିକାଲିର ଅସାଧାରଣ ଅସ୍ତ୍ର ବ୍ୟବହାର ପୂର୍ବରୁ ବହୁତ

ଭାବିଚିନ୍ତି ନିଷ୍ପତ୍ତି ନେବାକୁ ପଡୁଛି । ମହାଭାରତ ଯୁଗରେ ତ ଲୋକେ ଆମଠାରୁ ବେଶି ନ୍ୟାୟବାନ ଥିଲେ । ତେଣୁ ଦିବ୍ୟାସ୍ତ୍ର ବ୍ୟବହାର ପୂର୍ବରୁ ସବୁ ଦିଗରୁ ଚିନ୍ତା କରିବାକୁ ପଡ଼ିବ; ପିଲା ଖେଳ ଭଳି ଯେତେବେଳେ ଇଚ୍ଛା ସେତେବେଳେ ଅସ୍ତ୍ର କ୍ଷେପଣ କରିବା କଥା ନୁହେଁ ବୋଲି ଅର୍ଜୁନଙ୍କୁ ଆକାଶବାଣୀ ବା 'ଆର୍ଲି ଓ୍ୱାର୍ଣ୍ଣିଂ ସିଷ୍ଟମ' ଜଣାଇ ଦେଇଥିଲା । ଏଭଳି ଅବତାରଣା କରିବାରେ ପରିବେଶର ସୁରକ୍ଷା ଓ ଧନଜୀବନ ରକ୍ଷାସହିତ ଏଡ଼େ ମୂଲ୍ୟବାନ ଅସ୍ତ୍ରଟିର ଅଯଥା ବ୍ୟବହାରକୁ ରୋକାଯାଇ ପାରିଥିଲା ।

ଦିବ୍ୟାସ୍ତ୍ର ଓ ସାଧାରଣ ଅସ୍ତ୍ର ଶ୍ରେଣୀବିଭାଗ କରିବାରେ ଓ ଯୋଦ୍ଧାମାନଙ୍କୁ ଦିବ୍ୟାସ୍ତ୍ରର ବ୍ୟବହାର ନିୟମ ଜଣାଇବାରେ ମହାଭାରତ ରଚୟିତା ସଚେତନ ଥିଲେ । ତିନି ହଜାର ବର୍ଷ ତଳର ତାଙ୍କ ଚିନ୍ତାଧାରା ଆଜିର ଯୁଦ୍ଧନୀତି ସଙ୍ଗେ କିପରି ମେଳ ଖାଉଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

● ● ●

ଯଥାଯଥ ପ୍ରଣାମ କରି ସେ ଯୁଧିଷ୍ଠିରଙ୍କର ଦୁଃଖର କାରଣ ପଗ୍ଭରିଲେ । ଦ୍ରୋଣଙ୍କ ଚକ୍ରବ୍ୟୂହ ତାଙ୍କ ଦୁଃଖର କାରଣ ବୋଲି ଶୁଣି ଅଭିମନ୍ୟୁ କହିଲେ, "ମୋତେ ସେନାପତିର ମୁକୁଟ ଦିଅନ୍ତୁ । ମୁଁ ଚକ୍ରବ୍ୟୂହ ଭେଦ କରିବି । ଆପଣ ଗ୍ଭରିଜଣ ମୋ ସଙ୍ଗରେ ଥିଲେ ମୋର କିଛି ଭୟ ରହିବ ନାହିଁ ।"

ସେତେବେଳେ ଯୁଧିଷ୍ଠିର ଅଭିମନ୍ୟୁଙ୍କୁ ପଗ୍ଭରିଲେ, "ଆରେ ବାବୁ, ତୁ ତ ଆମଠାରୁ କେତେ ସାନ । କାଲିକାର ପିଲା ହୋଇ ତୁ କିପରି ବ୍ୟୂହ ଭେଦ କଥା ଜାଣିଲୁ ?"

ଯୋଡ଼ହାତ ହୋଇ ଅଭିମନ୍ୟୁ କହିଲେ, "ମୁଁ ମାତାଙ୍କ ଗର୍ଭରେ ଥିବାର ସାତମାସ ହୋଇଥାଏ । ଦିନେ ରାତିରେ ପିତା ମାତା କଥାବାର୍ତ୍ତା ହେଉଥିଲେ । ସେ ଦିନ ମକର ଶୁକ୍ଳ ତ୍ରୟୋଦଶୀ ରବିବାର, ଆୟୁଷ୍ମାନ ଯୋଗ । ପିତା ନିଜେ ଅଙ୍ଗେ ଲିଭାଇଥିବା ଗଳ୍ପ କହୁଥାନ୍ତି । ମହାଭାରତ ଯୁଦ୍ଧ ଯେ ଦିନେ ହେବ ଏ ବିଷୟ ପିତା ବର୍ଣ୍ଣନା କରୁ କରୁ ୧୮ ପ୍ରକାର ବ୍ୟୂହ କଥା କହିଥିଲେ । ସେଥିରୁ ଚକ୍ର ବ୍ୟୂହ ଗୋଟିଏ । ପ୍ରତ୍ୟେକ ବ୍ୟୂହର ବର୍ଣ୍ଣନା ସଙ୍ଗେ ସଙ୍ଗେ ବ୍ୟୂହକୁ କିପରି ଭେଦ କରିବାକୁ ହୁଏ ତାହା ମଧ୍ୟ ମାତାଙ୍କୁ କହିଥିଲେ । ମୁଁ ଗର୍ଭରେ ଥାଇ ସବୁ ଶୁଣୁଥିଲି । ପିତା ଗପି ଗ୍ଭଲିଥାନ୍ତି, କିନ୍ତୁ ରାତିର ତୃତୀୟ ପହର ବେଳକୁ ମାତା ନିଦ୍ରାଗଲେ । ତେଣୁ ମୁଁ ମଧ୍ୟ ନିଦ୍ରା ଗଲି । ଯେତିକି ଶୁଣିଥିଲି ସେତିକି ମନେ ରହିଛି । ମୁଁ ଚକ୍ର ବ୍ୟୂହକୁ ଭେଦକରି ଭିତରକୁ ଯାଇପାରିବି, କିନ୍ତୁ ଫେରିପାରିବି ନାହିଁ । ପିତାଙ୍କ ମୁହଁରୁ ତାହା ଶୁଣିପାରି ନାହିଁ ।"

ଏକଥା ଶୁଣି ଭୀମ କହିଲେ, "ଏହି କଥାକୁ ତୋର ଚିନ୍ତା ? ଅରେ ତୁ ଭିତରକୁ ପଶିଗଲେ ମୁଁ ତେର କ୍ଷୌଣି ବଳ ଘେନି କୌରବ ସେନାଙ୍କୁ ଛିନ୍ନ ଭିନ୍ନ କରିଦେବି ।" ଅନ୍ୟ ତିନି ପାଣ୍ଡବଭାଇ ସେହିଭଳି ଆଶ୍ୱାସନା ଦେଲେ ।

ଯୁଧିଷ୍ଠିର ଅଭିମନ୍ୟୁଙ୍କୁ ବାରମ୍ବାର ତାଗିଦ୍ କରି କହିଥିଲେ, "ଆମ୍ଭ-ମାନଙ୍କୁ ସଙ୍ଗରେ ନ ନେଇ ତୁ ଭିତରକୁ ପଶିବୁ ନାହିଁ । ଆଉ ଗୋଟିଏ କଥା । ଏପରି ଯୁଦ୍ଧ କରିବୁ ଯେପରି ଅର୍ଜୁନ ଫେରିବାଯାଏ କୌରବ ସୈନ୍ୟମାନେ ଅଟକି ରହିଥିବେ ।

ସେଦିନ ମହାଭାରତ ଯୁଦ୍ଧ ଭିନ୍ନ ମୋଡ଼ ନେଲା । ଅଭିମନ୍ୟୁଙ୍କର ଶର-ଘାତରେ ବହୁତ ବଡ଼ ବଡ଼ କୌରବ ବୀର ପ୍ରାଣ ହରାଇଲେ । ଅତି ବିଚକ୍ଷଣ

ଭବରେ ରଥକୁ ଦଉଡ଼ାଇ ସେ ଚକ୍ରବ୍ୟୂହ ଭିତରକୁ ପଶିଗଲେ । କିନ୍ତୁ ଚକ୍ରବ୍ୟୂହ ଭେଦ କରିଥିବା ସ୍ଥାନକୁ ଜୟଦ୍ରଥ ତାଙ୍କର ସୈନ୍ୟବାହିନୀଙ୍କୁ ଧରି ସାଙ୍ଗେ ସାଙ୍ଗେ ବନ୍ଦ କରିଦେଲେ । ଫଳରେ ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବ ତଥା ପାଣ୍ଡବ ସୈନ୍ୟମାନେ ଚକ୍ରବ୍ୟୂହ ଭିତରକୁ ପଶିପାରିଲେ ନାହିଁ ।

ଏକୁଟିଆ ହେଲେ ମଧ୍ୟ ଅଭିମନ୍ୟୁଙ୍କର ବିଚକ୍ଷଣ ରଣକୌଶଳ କୌରବ ମହାରଥୀମାନଙ୍କୁ ଅସ୍ତବ୍ୟସ୍ତ କରିଦେଲା । ଯୁଦ୍ଧରେ ଅଭିମନ୍ୟୁ କର୍ଣ୍ଣଙ୍କ ଧନୁ ନଷ୍ଟ କରିଦେଲେ । ପରେ ପରେ ଆକ୍ରମଣ କରି କର୍ଣ୍ଣଙ୍କୁ ବେହୋସ କରିଦେଲେ । କିନ୍ତୁ ସେ ଯେପରି ବ୍ୟୂହରୁ ବାହାରି ନ ଯାଆନ୍ତି, ସେଥିଲାଗି ଗାଲବ, କୃପାଚାର୍ଯ୍ୟ, ଭୁରିଶ୍ରବା, ଦ୍ରୋଣ, ଅଶ୍ୱତ୍ଥାମା, ଦୁଃଶାସନ, ଦୁର୍ଯ୍ୟୋଧନ, ଲକ୍ଷ୍ମଣକୁମାର ଆଦି ମହାରଥୀମାନେ ବାଟ ଓଗାଳି ଦେଲେ । ପ୍ରବଳ ଯୁଦ୍ଧରେ ମୁହାଁମୁହିଁ ଅଭିମନ୍ୟୁଙ୍କୁ ହରାଇ ନପାରି କୌରବ ପକ୍ଷର ମହରଥୀମାନେ ଅଭିମନ୍ୟୁଙ୍କୁ ଘେରିପଟୁ ବେଢ଼ି-ଗଲେ ଓ ସବୁଦିଗରୁ ତୀର ବର୍ଷଣ କଲେ। ଏପରି ଅଧର୍ମ ଯୁଦ୍ଧରେ ଅଭିମନ୍ୟୁଙ୍କର ରଥ, ଧନୁ ଆଦି ନଷ୍ଟ ହୋଇଗଲା । ସେ ପାଖରେ ଯାହା ପାଇଲେ, ତାକୁ ଅସ୍ତ୍ର ବୋଲି ବ୍ୟବହାର କଲେ । ଶେଷରେ ରଥର ଚକକୁ ଘୂରାଇ ଘୂରାଇ ସେ ଘେରି ଆଡ଼ୁ ହେଉଥିବା ଆକ୍ରମଣର ମୁକାବିଲା କଲେ । କୌରବ ପକ୍ଷରୁ ବିଭିନ୍ନ ଦିଗରୁ ଆସୁଥିବା ବାଣଦ୍ୱାରା ଚକଟି ମଧ୍ୟ ଖଣ୍ଡବିଖଣ୍ଡ ହୋଇଗଲା । ଶେଷରେ ଗଦାଟିଏ ଧରି ଅଭିମନ୍ୟୁ ଯୁଦ୍ଧ ଆରମ୍ଭ କଲେ । ଦୁର୍ମନସହିତ ଯୁଦ୍ଧ କରୁକରୁ ଦୁଃଶାସନ ପଛ ଆଡ଼ୁ ଆସି ଗଦା ପିଟିଦେବାରୁ ସେହିଠାରେ ଅଭିମନ୍ୟୁ ପ୍ରାଣତ୍ୟାଗ କଲେ ।

ଏ ଗଳ୍ପଟିରେ ସବୁଠାରୁ ବଡ଼ ରହସ୍ୟଜନକ କଥା ଯେ ଚକ୍ରବ୍ୟୂହ ସମ୍ପର୍କୀୟ ତଥ୍ୟ ମା ପେଟରେ ଥିଲାବେଳେ ଅଭିମନ୍ୟୁ ଜାଣିଥିଲେ ବୋଲି କେବଳ ସାରଳା ଦାସ ଲେଖିଛନ୍ତି । ମା ପେଟରେ ଥିବା ଭ୍ରୁଣ ବାହାରର କଥା ଶୁଣିବ, ପୁଣି ବୁଝିପାରି ମନେରଖିବ–ଏହା କ'ଣ ସମ୍ଭବ ?

ଆଜିକାଲି ଅଲଟ୍ରା ସାଉଣ୍ଡ ସ୍କାନିଂ ବ୍ୟବସ୍ଥାରେ ଶବ୍ଦ ତରଙ୍ଗ ପଠାଇ ମା ଗର୍ଭ ଭିତରେ ଭ୍ରୁଣର ପ୍ରତ୍ୟେକ ଅଙ୍ଗଭଙ୍ଗୀ ଓ ଚଳପ୍ରଚଳ ଟେଲିଭିଜନ ପରଦା ଜରିଆରେ ଦେଖି ହେଉଛି । ଜନ୍ମପରେ ପିଲା ଯେଉଁଳି ଚଳପ୍ରଚଳ କରିବ ମାତୃଗର୍ଭରେ ଭ୍ରୁଣଟି ସେହିଭଳି କରିଥାଏ, ଯଥା ହାଇମାରିବା, ଚୁଚୁମିବା, ଧଇଁସଇଁ ହେବା, ଗୋଡ଼ ହାତ ମେଲାଇବା, ଆଖିମିଟିକା ମାରିବା, ମୁହଁ ଭଙ୍ଗୀକରିବା ଇତ୍ୟାଦି ।

ଗବେଷଣାକାରୀମାନେ ଦେଖିଛନ୍ତି ଯେ ମା ଗର୍ଭରେ ଛୁଆଟି ଗୋଟିଏ ଶବ୍ଦ ସାଗରରେ ଭାସୁଥାଏ । ଦି ଓ୍ୱାର୍ଲଡ ଅଫ୍ ଦି ନ୍ୟୁ ବର୍ନ(The World of the Newborn) ନାମକ ପୁସ୍ତକରେ ଲେଖକଦ୍ୱୟ ଡାଫନେ ଓ ଚର୍ଲସ ମୋରର (Maurer) ଗର୍ଭସ୍ଥ ଶିଶୁର ଜୀବନ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ମାଆର ପ୍ରସବ ଦ୍ୱାରବାଟେ ଅତି ସୂକ୍ଷ୍ମ ମାଇକ୍ରୋଫୋନ୍ ଜରାୟୁରେ ପୁରାଇ ଗବେଷଣାକାରୀମାନେ ଛୁଆଟି କିପରି ଶବ୍ଦ ଶୁଣୁଛି ତାହା ଦେଖିଲେଣି । ମା'ର ହୃତ୍‌ସ୍ପନ୍ଦନ, ପେଟ ଭିତର ହଜମନଳୀର କଳ କଳ ଶବ୍ଦ, ବାପାସହିତ ମାଆର କଥାବାର୍ତ୍ତା ଜରାୟୁ ଭିତରେ ଥିବା ଶିଶୁ ଶୁଣିପାରେ ଏବଂ ଚୁଚୁମିବା ବନ୍ଦକରି ଛୁଆଟି କାନ ଡେରେ । ମା ଖୁବ୍ ଯୁକ୍ତିତର୍କ କରୁଥିବା ବେଳେ, ଗାଳି-ଦେଉଥିବା ବା ପାଟିତୁଣ୍ଡ କରୁଥିବା ବେଳେ ଜରାୟୁ ଭିତରେ ଉଚ୍ଚଟ ଶବ୍ଦ ହୁଏ । ଡାଃ ଜେଫ୍ରି ଫେଲନ୍ ଜରାୟୁସ୍ଥ ମାଇକ୍ରୋଫୋନ୍‌ରୁ ଶବ୍ଦ ରେକର୍ଡ କରି ଦେଖାଇଦେଇଛନ୍ତି ଯେ କେବଳ ଦେହଭିତରର ଶବ୍ଦ ନୁହେଁ, ଗର୍ଭବତୀ ସ୍ତ୍ରୀର କାନକୁ ଯାହା କିଛି ଶୁଭେ ତାହା ରେକର୍ଡ କରି ହେଉଛି । ଏହାର ଅର୍ଥ ମା'ର ଜରାୟୁ ନୀରବ ସ୍ଥାନ ନୁହେଁ ।

ପ୍ରସବର କିଛି ଦିନ ପୂର୍ବରୁ ଗର୍ଭସ୍ଥ ଶିଶୁ ତାର ସମସ୍ତ ଇନ୍ଦ୍ରିୟ ବ୍ୟବହାର କରିପାରେ । ଗର୍ଭରେ ଅନ୍ଧକାର ଥିବାରୁ ତାର ଦୃଷ୍ଟିଶକ୍ତି ସବୁଠାରୁ କମ୍ କାମ କରେ । ତଥାପି ମା ପେଟ ଉପରେ ଜୋର ଆଲୁଅ ପଡ଼ିଲେ ଶିଶୁଟି ତାର ଆଭା ପାଇପାରେ ଓ ମୁହଁ ସେଇଆଡ଼କୁ ବୁଲାଇ ଦିଏ । ମନସ୍ତତ୍ତ୍ୱ ଅଧ୍ୟାପକ ଆଣ୍ଟୋନୀ ଡିକାସ୍‌ପର ସଦ୍ୟଜାତ ଶିଶୁ କାନରେ ସୂକ୍ଷ୍ମ ଗଦିଦିଆ ଇୟରଫୋନ ଲଗାଇ ଦେଖିଛନ୍ତି ଯେ ପବନର ଗ୍ରାପସହିତ ଟେପ୍ ରେକର୍ଡର ଗ୍ରନେଲକୁ ସଂଯୋଗ କଲେ ଶିଶୁଟି ଟେପ୍ ରେକର୍ଡରର ଭିନ୍ନ ଭିନ୍ନ ଗ୍ରନେଲକୁ ଚିହ୍ନିପାରୁଛି । ଆଗରୁ ଶୁଣିଥିବା ଗୀତଟିଏ କାନରେ ବାଜିଲେ ଶିଶୁ ଦୁଧ ଚୁଚିମିବାକୁ ଛାଡ଼ି ଦେଉଛି କିମ୍ବା ଚୁଚିମିବା ବ୍ୟବଧାନ ବଢ଼ାଇ ଦେଉଛି । ଡାଃ କାସ୍‌ପର ଆହୁରି ପ୍ରମାଣ କରିଛନ୍ତି ଯେ ନବଜାତ ଶିଶୁଟି ତାର ମା'ର ସ୍ୱର ବେଶ୍ ବାରିପାରୁଛି । ଅନ୍ୟ ସ୍ତ୍ରୀ ଲୋକର ସ୍ୱରକୁ ସେତେ ଧ୍ୟାନ ଦେଉନାହିଁ । ଗର୍ଭରେ ଥିବାବେଳେ ସେ ବେଳେ ବେଳେ ବାପାର ସ୍ୱର ଶୁଣିଛି । ତେଣୁ ବାପାର କଥା ଚିହ୍ନିବାରେ ତାର ଇଚ୍ଛା ନ ଥାଏ । କିନ୍ତୁ ଜନ୍ମର ଦୁଇ ସପ୍ତାହ ଭିତରେ ଶିଶୁଟି ବାପାର ସ୍ୱର

ଭଲଭାବେ ଚିହ୍ନିପାରେ । ଆମ ଦେଶରେ ଗାଁ ଗହଳିରେ ଲୋକେ ଗର୍ଭବତୀ ମହିଳାଙ୍କୁ ପୁରାଣ ପୋଥିଆଦି ପଢ଼ିବାକୁ କହିଥାନ୍ତି । ଭଲକଥା ଶୁଣିଲେ ମାଆର ମନ ଭଲରହିବ ଓ ଗର୍ଭସ୍ଥ ଶିଶୁ ଭଲ ହେବ–ଗାଁ ଗହଳର ଏହି ବିଶ୍ୱାସ ମୂଳରେ ବୈଜ୍ଞାନିକ ସତ୍ୟ ରହିଛି ।

ଉପରୋକ୍ତ ଆଲୋଚନାରୁ ବୋଧହୁଏ ଯେ ଅଭିମନ୍ୟୁ ମାଆଙ୍କ ପେଟରେ ଥିବାବେଳେ ଅର୍ଜୁନଙ୍କଠାରୁ ଚକ୍ରବ୍ୟୂହ ଭେଦ କରିବାର କୌଶଳ କଥା ଶୁଣିଥିବା ଅସମ୍ଭବ ନୁହେଁ ।

କେବଳ ଅସମ୍ଭବ ଏତିକିଯେ ଅଭିମନ୍ୟୁ କଥାଗୁଡ଼ିକୁ ମନେରଖିପାରିଲେ ଏବଂ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମାତୃଗର୍ଭରେ ଶୁଣଥିବା କଥାକୁ କାମରେ ଲଗାଇପାରିଲେ ।

ଗର୍ଭବତୀଙ୍କୁ ପୁରାଣପୋଥି ଶୁଣାଇବା ଉଚିତ ବୋଲି ଗାଁ ଗହଳରେ ଯେଉଁ ପ୍ରଥା ଥିଲା, ତାକୁ ଲକ୍ଷ୍ୟ ରଖି ସାରଳା ଦାସ ଲେଖିଛନ୍ତି ଯେ ଅଭିମନ୍ୟୁ ମା ପେଟରେ ଥାଇ ଅର୍ଜୁନଠାରୁ ଚକ୍ରବ୍ୟୂହ ଭେଦ କଥା ଶୁଣିଛନ୍ତି । ଏଥିସହିତ ସେ କଳ୍ପନା ମିଶାଇ ଦେଇଛନ୍ତି ଯେ ମା ପେଟରୁ ଶୁଣିଥିବା ଜ୍ଞାନକୁ ଅଭିମନ୍ୟୁ ବଡ଼ ହୋଇ ଯୁଦ୍ଧକ୍ଷେତ୍ରରେ ଲଗାଇଥିଲେ ।

# ଜୟଦ୍ରଥ ବଧ କାହାଣୀରେ ତିନୋଟି ଆଶ୍ଚର୍ଯ୍ୟ କଥା

ଗୁରୁ ଦ୍ରୋଣ ଚକ୍ରବ୍ୟୂହ ରଚନା କରିଛନ୍ତି ଶୁଣି ଯୁଧିଷ୍ଠିର ଚିନ୍ତାକୁଳ ହୋଇପଡ଼ିଥିଲେ । ସେତେବେଳେ ଅର୍ଜୁନ ତ୍ରିଗର୍ତ୍ତ-ଭ୍ରାତୃଦ୍ୱୟଙ୍କୁ ଛାଡ଼ି ଭଗଦତ୍ତଙ୍କ ସହ ଯୁଦ୍ଧ କରୁଥିଲେ । ଅର୍ଜୁନଙ୍କ ବ୍ୟତୀତ କୃଷ୍ଣ, ପ୍ରଦ୍ୟୁମ୍ନ ଓ ଅଭିମନ୍ୟୁ ଚକ୍ରବ୍ୟୂହ ଭେଦ ରହସ୍ୟ ଜାଣିଥିଲେ । କିନ୍ତୁ ଅଭିମନ୍ୟୁଙ୍କର ଦୁର୍ବଳତା ଥିଲା ଯେ ସେ ଚକ୍ରବ୍ୟୂହରୁ ବାହାରିବାର ଉପାୟ ଜାଣି ନ ଥିଲେ ।

"ଚକ୍ରବ୍ୟୂହ ଭିତରେ ଭେଦ କରିବାର ରାସ୍ତା ତିଆରି କରିଦେଲେ ଆମେ ସବୁ ତୋ ପଛେ ପଛେ ପଶିଯିବୁ । ତେଣୁ ଡର ନାହିଁ ।" ଏ କଥା ଯୁଧିଷ୍ଠିର ଅଭିମନ୍ୟୁଙ୍କୁ କହିଥିଲେ । କ୍ଷିପ୍ର ଗତିରେ ଅଭିମନ୍ୟୁର ରଥ ବ୍ୟୂହ ମଧ୍ୟକୁ ପଶି ଯାଉଥିବାବେଳେ ବାଟରେ ଅଭିମନ୍ୟୁ କୌରବ ବୀରମାନଙ୍କୁ ପରାସ୍ତ କରି ଚାଲିଥିଲେ । କର୍ଣ୍ଣ ପରାସ୍ତ ହୋଇ ପଳାଇଯିବାରୁ କୌରବ ସେନାମାନେ ଇତସ୍ତତଃ ହୋଇଗଲେ । ଅଭିମନ୍ୟୁଙ୍କ ରଥ ବ୍ୟୂହ ଭିତରକୁ ପଶିଗଲା । ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବ ପଛେ ପଛେ ମାଡ଼ି ପଶିବା ପୂର୍ବରୁ ସୈନ୍ୟବାହିନୀ ଧରି ଜୟଦ୍ରଥ ଘେରିଗଲା ଓ ରାସ୍ତା ବନ୍ଦ କରିଦେଲା । ପାଣ୍ଡବ ଚାରି ଭାଇ ଜୟଦ୍ରଥର ମୁକାବିଲା କରି ନ ପାରି ପଛରେ ପଡ଼ି ରହିଲେ ।

ଚକ୍ରବ୍ୟୂହ ମଧ୍ୟରେ ଏକୁଟିଆ ପ୍ରବେଶ କରି ଅଭିମନ୍ୟୁ ଖୁବ୍ ବୀରତ୍ୱର ସହ ଯୁଦ୍ଧ କରିଥିଲେ । ଯୁଦ୍ଧର ନିୟମ ଅନୁଯାୟୀ ଜଣ ଜଣ କରି ଅଭିମନ୍ୟୁ ସହିତ ଯୁଦ୍ଧ କରିବା କଥା । ମାତ୍ର କୌରବ ପକ୍ଷର ସମସ୍ତ ମହାରଥୀ ଜଣ ଜଣ କରି ଅଭିମନ୍ୟୁଦ୍ୱାରା ପରାସ୍ତ ହେବାରୁ ସେମାନେ ଯୁଦ୍ଧର ନିୟମ ଭାଙ୍ଗିଦେଲେ । ଦ୍ରୋଣ, କର୍ଣ୍ଣ, କୃତବର୍ମା, କୃପାଚାର୍ଯ୍ୟ, ଦୁଃଶାସନ, ଦୁର୍ଯ୍ୟୋଧନ ଓ ଅଶ୍ୱତ୍ଥାମା ଆଦି ସାତ ଜଣ ମହାରଥୀ ଏକା ଥରକେ ଅଭିମନ୍ୟୁଙ୍କୁ ଘେରିଆଡ଼ୁ ଆକ୍ରମଣ କଲେ । ଘମାଘୋଟ ଯୁଦ୍ଧ ପରେ ଅଭିମନ୍ୟୁ ନିରସ୍ତ୍ର ହୋଇପଡ଼ିଲେ । କୌରବ ବୀରମାନେ ଅଭିମନ୍ୟୁଙ୍କୁ ହତ୍ୟା କଲେ । ଅର୍ଜୁନ ଯୁଦ୍ଧକ୍ଷେତ୍ରରୁ ଫେରି ଏ ଖବର ପାଇ ପୁତ୍ରଶୋକରେ ଭାଙ୍ଗିପଡ଼ିଲେ । ଭାଇମାନଙ୍କଠାରୁ ସେ ଜାଣିଲେ ଯେ

ଜୟଦ୍ରଥ ବାଟ ଓଗାଳି ଦେବାରୁ ପାଣ୍ଡବ ବୀରମାନେ ଅଭିମନ୍ୟୁଙ୍କୁ ସାହାଯ୍ୟ କରିପାରିଲେ ନାହିଁ ।

କ୍ରୋଧରେ ଅର୍ଜୁନ ପ୍ରତିଜ୍ଞା କଲେ ଯେ ସେ ଆସନ୍ତା ଦିନର ସୂର୍ଯ୍ୟାସ୍ତ ପୂର୍ବରୁ ଜୟଦ୍ରଥକୁ ବଧ କରିବେ । ଯଦି ସେ ତା ନ କରି ପାରନ୍ତି, ଆତ୍ମହତ୍ୟା କରିବେ ।

ପରଦିନ ଘମାଘୋଟ ଲଢ଼େଇ ହେଲା । ଜୟଦ୍ରଥକୁ ରକ୍ଷା କରିବାପାଇଁ କୌରବ ପକ୍ଷରେ ବଡ଼ ବଡ଼ ବୀରମାନେ ବ୍ୟୂହ ରଚନା କରି ତାକୁ ଘେରି ରହିଲେ । ଦ୍ରୋଣ, କର୍ଣ୍ଣ, ଦୁର୍ଯ୍ୟୋଧନ, ଶଲ୍ୟ, ଚିତ୍ରସେନ, ଶକୁନି, ଅଶ୍ୱତ୍ଥାମା ଓ ଅନ୍ୟ ରାଜାମାନେ ଜୟଦ୍ରଥର ସୁରକ୍ଷା ଭର ନେଇଥିଲେ । ବିଭିନ୍ନ କୌଶଳ ଓ ଅସ୍ତ୍ର ପ୍ରୟୋଗ କରି ଅର୍ଜୁନ କୌରବ ପକ୍ଷର ବ୍ୟୂହ ମଧ୍ୟରେ ପ୍ରବେଶ କଲେ । ଧାଡ଼ି ଧାଡ଼ି ସୈନ୍ୟ ହତ୍ୟା କରି ଓ ବିଭିନ୍ନ ବୀରମାନଙ୍କୁ ପରାସ୍ତ କରି ଅର୍ଜୁନ ଜୟଦ୍ରଥର ନିକଟତର ହେଲେ । ସେତେବେଳକୁ ସନ୍ଧ୍ୟା ହେବାକୁ ଅଳ୍ପ ସମୟ ଥାଏ । ଜୟଦ୍ରଥକୁ ଛଅ ଜଣ ମହାରଥୀ ଜଗି ରହିଥାଆନ୍ତି । ସେମାନଙ୍କୁ ନ ହରାଇଲାଯାଏ ଜୟଦ୍ରଥକୁ ମାରିବା ଅସମ୍ଭବ । ଏଣେ ଅସ୍ତାଦ୍ରି ପର୍ବତମାଳା ପଛରେ ସୂର୍ଯ୍ୟ ଖସିବାକୁ ଆରମ୍ଭ କଲେଣି ।

ଏହି ସମୟରେ କୃଷ୍ଣ ଅର୍ଜୁନଙ୍କୁ କହିଲେ, "ବର୍ତ୍ତମାନ ମୁଁ ମୋର ଯୋଗମାୟା ପ୍ରକଟ କରିବି । ଜୟଦ୍ରଥକୁ ଜଣାଯିବ ସୂର୍ଯ୍ୟ ଅସ୍ତ ହୋଇଗଲେଣି । ବିପଦମୁକ୍ତ ହେଲା ଭବି ଜୟଦ୍ରଥ ପଦାକୁ ବାହାରି ଆସିବ । ସେତିକିବେଳେ ତୁମେ ତୀର ମାରିବ ।"

ଅର୍ଜୁନ ଏଥିରେ ରାଜି ହେଲେ । କିନ୍ତୁ କୃଷ୍ଣ ତାଙ୍କୁ ସାବଧାନ କରି ଦେଇ କହିଲେ, "ଜୟଦ୍ରଥ ପିତାଙ୍କଠାରୁ ବର ପାଇଛି ଯେ ତା ମୁଣ୍ଡକୁ ଯିଏ ଧୂଳିରେ ଲୋଟାଇ ଦେବ, ତାର ମୁଣ୍ଡ ସହସ୍ର ଖଣ୍ଡ ହୋଇଯିବ । ତେଣୁ ଜୟଦ୍ରଥର ମୁଣ୍ଡ ଯେପରି ତା ପିତା ବୃଦ୍ଧକ୍ଷତ୍ରଙ୍କ କୋଳରେ ପଡ଼େ, ଯତ୍ନବାନ ହୁଅ ।"

କୃଷ୍ଣଙ୍କ ମାୟା ବଳରେ ସୂର୍ଯ୍ୟ ଅନ୍ଧକାରରେ ଘୋଡ଼ାଇ ହୋଇପଡ଼ିଲେ । କୌରବ ସୈନ୍ୟମାନେ ଅସ୍ତ ସୂର୍ଯ୍ୟର ଶେଷ ଦର୍ଶନ ପାଇବାପାଇଁ ସୂର୍ଯ୍ୟଙ୍କ ଆଡ଼େ ଚାହିଁଲେ । ଜୟଦ୍ରଥ ମଧ୍ୟ ଆନନ୍ଦରେ ସୂର୍ଯ୍ୟାସ୍ତକୁ ଚାହିଁ ରହିଲା ।

କୃଷ୍ଣ ଅର୍ଜୁନଙ୍କୁ ଇଙ୍ଗିତ ଦେଲେ–ବର୍ତ୍ତମାନ ଜୟଦ୍ରଥର ମୁଣ୍ଡକୁ କାଟିବାର ବେଳ ।

ଗୋଟିଏ ମନ୍ତ୍ରପୂତ ତୀର ମାରି ଅର୍ଜୁନ ଜୟଦ୍ରଥର ମୁଣ୍ଡକୁ କାନ୍ଧରୁ ଅଲଗା କରିଦେଲେ । ଲଗ ଲଗ ତୀର ମାରି କଟାମୁଣ୍ଡଟିକୁ ତପସ୍ୟାରତ ବୃଦ୍ଧକ୍ଷତ୍ରଙ୍କ କୋଳରେ ପକାଇଦେଲେ । ବୃଦ୍ଧକ୍ଷତ୍ର ଛିଡ଼ା ହୋଇପଡ଼ିଲାକ୍ଷଣି କଟା ମୁଣ୍ଡଟା ଭୂଇଁରେ ପଡ଼ିଗଲା ଓ ସାଙ୍ଗେ ସାଙ୍ଗେ ବୃଦ୍ଧକ୍ଷତ୍ରଙ୍କ ମୁଣ୍ଡ ଫାଟି ଖଣ୍ଡ ଖଣ୍ଡ ହୋଇଗଲା ।

ଏହାପରେ ମାୟା କଟିଯିବାରୁ ସୂର୍ଯ୍ୟାଲୋକ ପୁଣି ଦେଖାଦେଲା । ସମସ୍ତେ ଜାଣିଲେ ସୂର୍ଯ୍ୟାସ୍ତ ଆହୁରି ବାକି ଅଛି ।

ଅଭିମନ୍ୟୁଙ୍କୁ ମାରିବା ସମୟରେ ପ୍ରଥମେ ଯୁଦ୍ଧର ନିୟମ ଭଙ୍ଗ ହୋଇଥିଲା । ଜୟଦ୍ରଥଙ୍କ ମୃତ୍ୟୁପରେ କୌରବମାନଙ୍କ ପକ୍ଷରୁ ଅଶ୍ୱତ୍ଥାମା ରାତି ପର୍ଯ୍ୟନ୍ତ ଯୁଦ୍ଧ ଚାଲୁ ରଖିଥିଲେ । ପାଣ୍ଡବ ପକ୍ଷ ସେଥିପାଇଁ ବାଧ୍ୟ ହୋଇ ରାତିସାରା ଯୁଦ୍ଧ କରିଥିଲେ । ଏହା ହେଲା ମହାଭାରତ ଯୁଦ୍ଧ ନିୟମର ଦ୍ୱିତୀୟ ବ୍ୟତିକ୍ରମ ।

ଏହି କଥାଟିରୁ ଦୁଇଟି ବିଷୟରେ ସନ୍ଦେହ ଜନ୍ମେ । ପ୍ରଥମଟି ହେଉଛି : ସୂର୍ଯ୍ୟାସ୍ତର କିଛି ସମୟ ପୂର୍ବରୁ ସୂର୍ଯ୍ୟାସ୍ତ ଭଳି ଅବସ୍ଥା ସୃଷ୍ଟି କରଯାଇ-ପାରିବ କି ? ଦ୍ୱିତୀୟଟି ହେଉଛି କଟା ମୁଣ୍ଡ ହେଉ ବା ଅନ୍ୟ ଗୋଟିଏ ବସ୍ତୁ ହେଉ, ତାକୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇ ହେବ କି ?

ଆମେ ଯେଉଁ ଜିନିଷକୁ ସହଜରେ ବୁଝିପାରୁନା ବା ବୁଝାଇ ପାରୁନା ତାକୁ ଆମେ କୁହୁକ, ଯାଦୁ ବା ମାୟା ବୋଲି କହୁ । ଯଦି କାର୍ଯ୍ୟ–କାରଣ ବୁଝିହେଲା, ତେବେ ତାହା ବୈଜ୍ଞାନିକ ସତ୍ୟ ।

ଯେଉଁମାନେ ସମୁଦ୍ର କୂଳରେ ରହୁଛନ୍ତି ସେମାନେ ଲକ୍ଷ୍ୟ କରିଥିବେ ଯେ ସୂର୍ଯ୍ୟ ଉଦୟ ହେଲା ଭଳି ଦେଖାଯିବାର କିଛି ସମୟ ପରେ ଖରା ଧାସ ଲାଗେ । ପୃଥିବୀ ଗୋଲ, ଅର୍ଥାତ୍ ୩୬୦ ଡିଗ୍ରୀ । ପୃଥିବୀ ରୂପକ ଗୋଲକଟି ୨୪ ଘଣ୍ଟାରେ ଥରେ ବୁଲି ଯାଉଥିବାରୁ ପ୍ରତି ଡିଗ୍ରୀ ଘୂରିବାକୁ ୪ ମିନିଟ୍ ଲାଗେ । ଦିଗ୍‌ବଳୟର ପ୍ରାୟ ୧୫ ଡିଗ୍ରୀ ତଳେ ସୂର୍ଯ୍ୟ ଥିଲେ ମଧ୍ୟ ବାୟୁମଣ୍ଡଳରେ ଆଲୋକର ବିଚ୍ଛୁରଣ ହେତୁ ଉଦିତ ସୂର୍ଯ୍ୟର ଗୋଲକଟି ଆଗରୁ ଦେଖାଯାଏ । ଅର୍ଥାତ୍ ସୂର୍ଯ୍ୟ ଦିଗ୍‌ବଳୟକୁ ଆସିବାର ପ୍ରାୟ ଘଣ୍ଟାକ ଆଗରୁ ସୂର୍ଯ୍ୟାଲୋକ ଦେଖାଯାଏ । ସେହିଭଳି ସୂର୍ଯ୍ୟାସ୍ତ ହେବାର ପ୍ରାୟ ଘଣ୍ଟାକ ପର ପର୍ଯ୍ୟନ୍ତ ସୂର୍ଯ୍ୟର ଲାଲ ରଶ୍ମି ଦିଶୁଥାଏ । ଏହା କ୍ରାନ୍ତିମଣ୍ଡଳୀୟ ଅଞ୍ଚଳପାଇଁ ପ୍ରଯୁଜ୍ୟ ।

ମେରୁମଣ୍ଡଳରେ ତ ସୂର୍ଯ୍ୟ ଅସ୍ତ ହେବାର ମାସ ମାସ ପର୍ଯ୍ୟନ୍ତ ଆଲୋକ ଦିଶେ । ଏହି କାରଣରୁ ନରୱେ ଭଳି ଦେଶକୁ ମଧ୍ୟ–ରାତ୍ର–ସୂର୍ଯ୍ୟର ଦେଶ ବୋଲି କୁହାଯାଏ ।

ଅସଲ କଥା ହେଉଛି ଯେ ସୂର୍ଯ୍ୟ ଦିଗ୍‌ବଳୟରେ ପହଞ୍ଚିଲାକ୍ଷଣି ସୂର୍ଯ୍ୟାଲୋକ ଆଖପାଖରେ ଏତେ ତିର୍ଯ୍ୟକ୍‌ଭାବରେ ପହଞ୍ଚେ ଯେ ସେଥିରେ ବେଶି ଆଲୋକ ବା ତେଜ ନ ଥାଏ । ସେ ସମୟରେ ଗୋଟିଏ କଳା ବାଦଲ ବା ଘନ ଧୂଳିଝଡ଼ ଦିଗ୍‌ବଳୟ ଉପରେ ଦେଖାଦେଲେ ଘୁରିଆଡ଼ ଅନ୍ଧାର ଦେଖାଯିବ । ବାଦଲଟି ଅପସରିଗଲେ ପୁଣି ଆଲୁଅ ଦେଖାଯିବ ।

କୃଷ୍ଣ ତାଙ୍କ ଚକ୍ରଦ୍ୱାରା ସୂର୍ଯ୍ୟଙ୍କୁ ଉହାଡ଼ କରିଥାଇପାରନ୍ତି କିମ୍ବା ଦିଗ୍‌ବଳୟରେ ଗୋଟିଏ ବିସ୍ଫୋରଣ ଘଟାଇ ଧୂଳିଝଡ଼ ସୃଷ୍ଟି କରିଥାଇପାରନ୍ତି । କିଛି ସମୟପାଇଁ ସୂର୍ଯ୍ୟ ନଦିଶିବାରୁ ଜୟଦ୍ରଥ ଓ କୌରବମାନେ ଭାବି ନେଇଥିବେ ସନ୍ଧ୍ୟା ହୋଇଗଲା, ଆଉ ବିପଦ ନାହିଁ ।

ଘଟନାଟିକୁ ଆଉ ଗୋଟିଏ ଦିଗରୁ ମଧ୍ୟ ବୁଝାଇ ହେବ । ଯେଉଁମାନେ ଟିକେ ଦୁର୍ବଳ ପ୍ରକୃତିର ଲୋକ, ସେମାନଙ୍କୁ ସମ୍ମୋହନୀ ଶକ୍ତି ବା ହିପ୍‌ନୋଟିଜମ୍‌ଦ୍ୱାରା ପ୍ରଭାବିତ କରାଯାଇପାରେ । ନିଜର ଆତ୍ମରକ୍ଷା ପାଇଁ ଜୟଦ୍ରଥ ଏକମାତ୍ର ଚିନ୍ତାରେ ବ୍ୟସ୍ତ ଥିଲା ଯେ କିପରି ଶୀଘ୍ର ସଞ୍ଜ ହୋଇଯାଉ । ଆଶଙ୍କାରୁ ରକ୍ଷା ପାଇବାପାଇଁ ସଞ୍ଜ ଯେତେ ପାଖ ହୋଇ ଆସୁଥିବ, ଜୟଦ୍ରଥର ମନ ସେତେ ଚଞ୍ଚଳ ହୋଇ ଉଠିଥିବ । ମନସ୍ତତ୍ତ୍ୱବିଦ୍‌ମାନେ କହନ୍ତି, ଯେଉଁଟାକୁ ମଣିଷ ଅତି ବେଶି ଖୋଜୁଥାଏ, ସେଇଟା ବେଳେବେଳେ ଆଖି ଆଗରେ ଭାସିଉଠେ ବା ଦେଖାଯାଏ । କୃଷ୍ଣ ଯଦି ସମ୍ମୋହନୀ ଶକ୍ତି ପ୍ରୟୋଗ କରିଥିବେ ଏବଂ ଶଙ୍କାକୁଳ ଜୟଦ୍ରଥକୁ ମନେ ହୋଇଥିବ ଯେ ଅସ୍ତାଦ୍ରି ଶିଖର ତଳକୁ ସୂର୍ଯ୍ୟ ଗଳିଗଲେଣି, ସୂର୍ଯ୍ୟାସ୍ତ ହୋଇଗଲାଣି ବୋଲି ସେ ଭାବି ନେଇଥିବ । ସେତେବେଳର ବୀରମାନେ ନିଜ ପ୍ରତିଜ୍ଞା ରକ୍ଷା କରୁଥିଲେ । ସନ୍ଧ୍ୟା ହୋଇଯିବାରୁ ଅର୍ଜୁନ ଅସ୍ତ୍ର ତ୍ୟାଗ କରି ଆତ୍ମହତ୍ୟା କରିବେ ବୋଲି ଜୟଦ୍ରଥ ଭାବି ନେଇଥିବ । କିନ୍ତୁ ଅର୍ଜୁନଙ୍କ ଆଖିରେ ସେତେବେଳଯାଏ ସୂର୍ଯ୍ୟାସ୍ତ ହୋଇ ନ ଥିଲା ।

ଦ୍ୱିତୀୟ ଘଟଣାଟି ହେଉଛି, ଜୟଦ୍ରଥର ମୁଣ୍ଡକୁ ଉଡ଼ାଇ ନେଇ ତା ବାପାଙ୍କ କୋଳରେ ପକାଇବା । ଏହା କେବଳ 'ଗାଇଡ଼େଡ଼୍ ମିସାଇଲ' ବା

ମାର୍ଗଦର୍ଶୀ କ୍ଷେପଣାସ୍ତ୍ରଦ୍ୱାରା ସମ୍ଭବ । ମହାଭାରତ ଯୁଦ୍ଧରେ ତୀର ଶବ୍ଦ ବ୍ୟବହାର ହୋଇଥିଲେ ମଧ୍ୟ ଅଧିକାଂଶ ତୀରର କାର୍ଯ୍ୟ ଆଜିକାଲିର 'ଇଣ୍ଟର ମିଡ଼ିଏଟ୍ ରେଞ୍ଜ ବାଲିଷ୍ଟିକ ମସାଇଲ' (ନାତିଦୂରଗାମୀ କ୍ଷେପଣାସ୍ତ୍ର) ଭଳି । ଅର୍ଜୁନଙ୍କ ତୀର ଗୋଟିଏ ମାର୍ଗଦର୍ଶୀ କ୍ଷେପଣାସ୍ତ୍ର ଭଳି କାର୍ଯ୍ୟ କରିଥିଲା । ଗଳ୍ପଟିରେ ଅର୍ଜୁନ ବାରମ୍ବାର ତୀର ମାରି ଜୟଦ୍ରଥର ମୁଣ୍ଡଟିକୁ ଲକ୍ଷ୍ୟସ୍ଥଳକୁ ନେଇ ଯାଇଥିବାର କୁହାଯାଇଛି । କ୍ଷେପଣାସ୍ତ୍ର ବା ଉପଗ୍ରହକୁ ନିର୍ଦ୍ଦିଷ୍ଟ ପଥରେ ନେବା-ଲାଗି ତାର ପୂର୍ବ ପଥକୁ ବେଳେ ବେଳେ ବଦଳାଇବାକୁ ପଡ଼େ । ଏହାକୁ 'କୋର୍ସ କରେକ୍ସନ' ବା ଦିଗ ସଂଶୋଧନ କୁହାଯାଏ । ଅର୍ଜୁନ ବାରମ୍ବାର ମାରୁଥିବା ତୀରଗୁଡ଼ିକ ମୁଣ୍ଡବହନକାରୀ କ୍ଷେପଣାସ୍ତ୍ରର ଦିଗ ସଂଶୋଧନ କରିପାରୁଥିଲା । ଅନ୍ୟ ଅର୍ଥରେ ଦେଖିଲେ ତୀରଗୁଡ଼ିକ ଗୋଟିଏ ଗୋଟିଏ ବୁଷ୍ଟର ରକେଟ୍ ଭଳି ମୂଳ କ୍ଷେପଣାସ୍ତ୍ରକୁ ଶକ୍ତି ଯୋଗାଉଥିଲା, ଅର୍ଥାତ୍ ଆଉ କିଛି ବାଟ ଠେଲି ଉଡ଼ାଇ ନେଉଥିଲା ।

କଟାମୁଣ୍ଡ ଭୂଇଁରେ ପଡ଼ିଯିବା ପରେ ପକାଇବା ଲୋକର ମୁଣ୍ଡ ଶହେ ଖଣ୍ଡ ହୋଇ ଫାଟିଯିବା କଥାଟା ଏଡ଼େ ସହଜରେ ବୁଝାଇ ହେବ ନାହିଁ । ଅତି ଉନ୍ନତ କୌଶଳ ଅଖ୍ତିଆର କରିପାରିଲେ ମଣିଷ ଶରୀର ଭିତରେ ଗୋଟିଏ ଟାଇମବମ୍ (ସମୟବୋମା) ରୋପଣ କରିହେବ । ଏଥିରେ ଅତି ସୂକ୍ଷ୍ମ କମ୍ପ୍ୟୁଟର ଭଳି ଯନ୍ତ୍ର ଲାଗିଥିବ । ତାହା ମଣିଷର ଜୀବନ ଥିବା ପର୍ଯ୍ୟନ୍ତ ଅଚଳ ଥିବ, ରକ୍ତପ୍ରବାହ ବନ୍ଦ ହୋଇଗଲେ ଆପେ ଆପେ କାର୍ଯ୍ୟକ୍ଷମ ହୋଇଯିବ । ଅଙ୍ଗଟି ତଳେ ପଡ଼ିଗଲାକ୍ଷଣି ଟାଇମ ବମ୍ଟି ସକ୍ରିୟ ହୋଇ ଫାଟିବ । ଫଳରେ ପାଖରେ ଥିବା ବ୍ୟକ୍ତିର ମୁଣ୍ଡ ଟୁକୁରା ଟୁକୁରା ହୋଇଯିବ । ଜୟଦ୍ରଥ ଗୋଟିଏ ଜୀଅନ୍ତା ବୋମା । ତାର ମୁଣ୍ଡଟି କଟି ମାଟିରେ ବାଜିଲାକ୍ଷଣି ବୋମା ଭଳି ଫୁଟିବ । ମାରିବା ଲୋକଠାରୁ କଟାମୁଣ୍ଡ ପଡ଼ିବା ସ୍ଥାନ ଖୁବ୍ ଦୂର ହେଲେ ବାଧା ଘଟି-ପାରେ । କିନ୍ତୁ ବସିଥିବା ଲୋକ ଉଠିଗଲା ମାତ୍ରେ ଯଦି ବୋମା ଫୁଟେ ତା ମୁଣ୍ଡ ବା ସେ ନିଜେ ଖଣ୍ଡ ଖଣ୍ଡ ହୋଇଯିବା ଅସମ୍ଭବ ନୁହେଁ । ତେଣୁ ବୃଦ୍ଧକ୍ଷତ୍ରଙ୍କ କୋଳରୁ ମୁଣ୍ଡ-ବୋମାଟି ତଳେ ପଡ଼ିବା କଥା ଅବତାରଣା କରଯାଇଛି ।

ମହାଭାରତର ଗଳ୍ପରେ ଯେଉଁ କଳ୍ପନା ରହିଛି, ତାହା ସତ୍ୟର କେତେ ନିକଟବର୍ତ୍ତୀ ହୋଇଆସୁଛି, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

# ଘଟୋତ୍କଚ ଓ ନଚକ୍ଷେତ୍ର ଯୁଦ୍ଧ

ମହାଭାରତ ଯୁଦ୍ଧର ଚତୁର୍ଦ୍ଦଶ ଦିନ କୌରବମାନଙ୍କ ମଧ୍ୟରେ ଭଳେଣି ପଡ଼ିଲା । ପାଣ୍ଡବମାନଙ୍କ ପକ୍ଷରୁ ଏମିତି ଜଣେ ଯୋଦ୍ଧା ଆସି ପହଞ୍ଚିବ, ସେମାନେ ଭାବି ପାରି ନଥିଲେ ।

ହିଡ଼ିମ୍ବା ନାମକ ଜଣେ ଅସୁରୁଣୀକୁ ଭୀମ ବିବାହ କରିଥିଲେ । ସେମାନଙ୍କର ଯେଉଁ ପୁତ୍ର ସନ୍ତାନ ହେଲା, ତାର ନାମ ଘଟୋତ୍କଚ । ସେ ମା ପାଖରେ ରହୁଥିଲେହେଁ ବାପା ତାକୁ ସ୍ମରଣ କଲାମାତ୍ରେ ସେ ଜାଣିପାରିବ– ଏଭଳି ଶକ୍ତି ସେ ପାଇଥିଲା । କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଭୀମ ତାକୁ ସ୍ମରଣ କରିବାରୁ ଘଟୋତ୍କଚ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଗଲା ଏବଂ ପାଣ୍ଡବମାନଙ୍କ ପକ୍ଷରେ ରହି ଯୁଦ୍ଧକଲା । ତାର ଭୀଷଣ ଓ ପ୍ରକାଣ୍ଡ ରୂପ ଦେଖି କୌରବମାନଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । କେବଳ ସେତିକି ନୁହେଁ, ତା଼ଠାରେ ମାୟା ଶକ୍ତି ମଧ୍ୟ ଥିଲା ।

ଯୁଦ୍ଧ କରୁ କରୁ ସେ ଏଭଳି ମାୟା ସୃଷ୍ଟି କଲା ଯେ କେତେବେଳେ ନିଆଁ ବର୍ଷିଲା ତ କେତେବେଳେ ବଜ୍ର ପଡ଼ିଲା । କେତେବେଳେ ଗଣ୍ଡା ଗଣ୍ଡା ବାଘ ସିଂହ ଡେଇଁପଡ଼ି ସେମାନଙ୍କୁ ଗିଳିଦେଲା ଭଳି ଜଣାଗଲା । ଆଉ କେତେବେଳେ ଚିଲ, ଶାଗୁଣା, ବାଦୁଡ଼ି ଭଳି ଶସ୍ତ୍ରମାନ ସେମାନଙ୍କୁ ଟେକିନେଇ ଚାଲିଗଲେ । କେତେକ ଅସ୍ତ୍ର ସାପ ଭଳି ଦଂଶନ କଲା ତ ଆଉ କେତେକ ଧକ୍‌କା ମାରି ସୈନ୍ୟମାନଙ୍କୁ ତଳେ ପକାଇଦେଲା । ଏହା ଦେଖି କୌରବ ସେନାଙ୍କ ମଧ୍ୟରେ ହୁଲ୍‌ସ୍ଥୁଲ୍ ପଡ଼ିଗଲା । ମଣିଷସହିତ ସିନା ସେମାନେ ଯୁଦ୍ଧ କରିବା ଜାଣିଛନ୍ତି, ଏଗୁଡ଼ିକ ସହିତ ବା ଯୁଦ୍ଧ କରିବେ କିପରି ? ତେଣୁ ନିଜକୁ ରକ୍ଷା କରିବାପାଇଁ ସେମାନେ ଯୁଦ୍ଧଭୂମି ଛାଡ଼ି ପଳାଇଗଲେ । ପଳାଉଥିବା ସୈନ୍ୟମାନଙ୍କୁ ମଧ୍ୟ ଘଟୋତ୍କଚର ବାଣ ଛାଡ଼ୁନଥାଏ ।

କୌରବ ପକ୍ଷର ବୀରମାନେ ଘଟୋତ୍କଚଠାରୁ ରକ୍ଷା ପାଇବାପାଇଁ କର୍ଣ୍ଣଙ୍କ ନିକଟକୁ ଗଲେ । ଦୁର୍ଯ୍ୟୋଧନ ମଧ୍ୟ କର୍ଣ୍ଣଙ୍କୁ ଅନୁରୋଧ କଲେ । କିନ୍ତୁ

ସାଧାରଣ ଯୁଦ୍ଧରେ କର୍ଣ୍ଣ ଘଟୋତ୍କଚକୁ ପାରିଲେ ନାହିଁ । କୌରବପକ୍ଷର ଗୋଟିଏ ଗୋଟିଏ ବାହିନୀ ଧ୍ୱଂସ ହେବାରେ ଲଗିଲା ।

"କର୍ଣ୍ଣ ରକ୍ଷାକର" ବୋଲି ସମସ୍ତେ ପାଟିକଲେ । କୌରବ ପକ୍ଷର ସମସ୍ତେ ଜାଣିଥିଲେ ଯେ କର୍ଣ୍ଣ ଇନ୍ଦ୍ରଙ୍କଠାରୁ ଗୋଟିଏ ଅଦ୍ଭୁତ ଅସ୍ତ୍ର ପାଇଛନ୍ତି । ତାର ନାମ ବୈଜୟନ୍ତୀ । ଦୁର୍ଯ୍ୟୋଧନ ଓ କୌରବ ବୀରମାନଙ୍କ ଅନୁରୋଧ ଶୁଣି କର୍ଣ୍ଣ ଦ୍ୱନ୍ଦ୍ୱରେ ପଡ଼ିଗଲେ । କର୍ଣ୍ଣ ପଣ କରିଥିଲେ ଯେ ସେ ଅର୍ଜୁନଙ୍କୁ ହତ୍ୟା କରିବେ । ଅର୍ଜୁନଙ୍କ ଭଳି ବୀରର ମୁକାବିଲା କରିବାପାଇଁ ସୂର୍ଯ୍ୟଙ୍କ ପ୍ରରୋଚନାରେ ସେ ଇନ୍ଦ୍ରଙ୍କଠାରୁ ଏହି ଅସ୍ତ୍ର ବର ରୂପେ ମାଗିନେଇଥିଲେ । ଘଟୋତ୍କଚ ଉପରେ ଅସ୍ତ୍ରଟିକୁ ପ୍ରୟୋଗ କଲେ ଅର୍ଜୁନଙ୍କ ସହ ପୁଣି କିପରି ଲଢ଼ିବେ ?

ଏହା ମଧ୍ୟରେ ଘଟୋତ୍କଚ ନିଜର ଅପୂର୍ବ ଶକ୍ତି ବଳରେ ଆକାଶମାର୍ଗରୁ ବିଭିନ୍ନ ପ୍ରକାର ଅସ୍ତ୍ର ଛାଡ଼ୁଥିଲା ଏବଂ ସେହି ଅସ୍ତ୍ରଗୁଡ଼ିକ କେବଳ କୌରବ ସୈନ୍ୟଙ୍କ ଉପରେ ପଡ଼ୁଥିଲା । କେଉଁଠାରୁ ଆସୁଛି ଓ କେଉଁ ଦିଗରୁ ଆସୁଛି ଜାଣି ନ ପାରି କୌରବମାନେ ସେହି ଅସ୍ତ୍ରଗୁଡ଼ିକର ମୁକାବିଲା କରିପାରିଲେ ନାହିଁ । ସମସ୍ତେ ଏକ ସ୍ୱରରେ କର୍ଣ୍ଣଙ୍କୁ ଶୁଣାଇ ଚିତ୍କାର କଲେ, "ଆଉ ରକ୍ଷା ନାହିଁ, ଯଥାଶୀଘ୍ର ଘଟୋତ୍କଚକୁ ନ ମାରିଲେ କୌରବ ସେନା ନିପାତ ହୋଇଯିବେ । କର୍ଣ୍ଣ ଡେରି ନକରି ତାଙ୍କ ଅମୋଘ ଅସ୍ତ୍ର ବ୍ୟବହାର କରନ୍ତୁ ।"

ଘଟୋତ୍କଚର ଆକ୍ରମଣରେ କୌରବ ସେନା କିପରି ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଉଛନ୍ତି କର୍ଣ୍ଣ ନିଜ ଆଖିରେ ଦେଖୁଥିଲେ । ସେ ଆଉ ବିଳମ୍ବ କଲେ ନାହିଁ କିଛି ସମୟ ଆଖି ବୁଜି ଧ୍ୟାନରତ ହେଲେ ଓ ଇନ୍ଦ୍ରଙ୍କ ଶକ୍ତିଅସ୍ତ୍ର ଘଟୋତ୍କଚ ଉପରେ ପ୍ରୟୋଗ କଲେ ।

କର୍ଣ୍ଣଙ୍କ ଭୟାନକ ତୀର ତା ଆଡ଼କୁ ଆସୁଥିବା ଦେଖି ଘଟୋତ୍କଚ ଜାଣିଲା ଯେ ତାର ମୃତ୍ୟୁ ସୁନିଶ୍ଚିତ । ତତ୍କ୍ଷଣାତ୍ ସେ ତାର ଶେଷ ଶକ୍ତି ପ୍ରୟୋଗ କଲା । ପ୍ରକାଣ୍ଡ ରୂପ ଧରି ସେ ଆକାଶରେ ଖୁବ୍ ଉଚ୍ଚକୁ ଉଠିଗଲା । କର୍ଣ୍ଣଙ୍କ ଅସ୍ତ୍ର ଘଟୋତ୍କଚର ଛାତିରେ ବାଜିବା କ୍ଷଣି ତାର ସମସ୍ତ ମାୟା ଓ ଶକ୍ତି ନଷ୍ଟ ହୋଇଗଲା । ସେ ମରିଯିବାରୁ ତାର ପ୍ରକାଣ୍ଡ ଶରୀର ଗୋଟିଏ ପାହାଡ଼ ଭଳି ତଳକୁ ଖସିଲା । ଫଳରେ ହଜାର ହଜାର କୌରବ ସୈନ୍ୟ ଚିପିହୋଇ ମରିଗଲେ ।

ଘଟୋତ୍କଚର ମୃତ୍ୟୁ ପାଣ୍ଡବ ବୀରମାନଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଲା । କିନ୍ତୁ ଶ୍ରୀକୃଷ୍ଣ ଦୁଇଟି କାରଣରୁ ଖୁସି ହୋଇଥିଲେ । ପ୍ରଥମତଃ କର୍ଣ୍ଣଙ୍କ ନିକଟରେ ଥିବା ଅର୍ଜୁନକୁ ମାରିବା ଅସ୍ତ୍ର ନଷ୍ଟ ହୋଇଗଲା । ଦ୍ୱିତୀୟରେ ସେ ବଞ୍ଚି ରହିଥିଲେ ନିରୀହ ଲୋକମାନଙ୍କ ପ୍ରତି ଆତଙ୍କ ହୋଇ ରହିଥାନ୍ତା ।

ଗଳ୍ପଟିର ଅନ୍ୟ ଦିଗପ୍ରତି ଆମେ ଦୃଷ୍ଟି ଦେବା ଦରକାର ନାହିଁ । ଘଟୋତ୍କଚର ଯୁଦ୍ଧରୀତି କେତେଦୂର ଆଧୁନିକ ବୈଜ୍ଞାନିକ ତଥ୍ୟଦ୍ୱାରା ସମର୍ଥିତ ତାହା ହିଁ ଆଲୋଚନା କରିବା ।.

ନକ୍ଷତ୍ର ଯୁଦ୍ଧ ବିଷୟ ଏବେ ବେଳେବେଳେ ଖବରକାଗଜରେ ବାହାରୁଛି । ଯୁକ୍ତରାଷ୍ଟ୍ର ଆମେରିକା ଏ ଦିଗରେ ପ୍ରଥମ ଚେଷ୍ଟା ଆରମ୍ଭ କରିଛି ଏବଂ ଇରାକ୍ ବିରୁଦ୍ଧରେ ଯୁଦ୍ଧରେ କିଛି କିଛି ପ୍ରୟୋଗ କରିଛି । ଏହାର ଉଦ୍ଦେଶ୍ୟ ହେଲା—ଶତ୍ରୁପକ୍ଷରୁ କ୍ଷେପଣାସ୍ତ୍ର ଛଡ଼ାହେବା ମାତ୍ରେ ତାହା ଦେଖି ତାକୁ ନଷ୍ଟ କରିବାପାଇଁ ସେହିପରି ଅସ୍ତ୍ର ଛାଡ଼ିବା । ଏଥିପାଇଁ ପ୍ରଥମେ ପୃଥିବୀଠାରୁ ବହୁ ଉଚ୍ଚରେ ଗୋଟିଏ ଉପସମାନ ମଞ୍ଚ ରଖିବା ଦରକାର, ଯେଉଁଠାରୁ ଶତ୍ରୁର ଘାଟୀକୁ ଦେଖିହେବ । ତା'ପରେ ଅସ୍ତ୍ର ଛାଡ଼ି ଶତ୍ରୁର ଅସ୍ତ୍ରକୁ ଧ୍ୱଂସ କରାଯିବ । ଏହି ଅସ୍ତ୍ର ଦୁଇ ପ୍ରକାର ଗୋଟିଏ ପ୍ରକାର ଅସ୍ତ୍ର କ୍ଷେପଣାସ୍ତ୍ରପ୍ରେରିତ, ଅନ୍ୟଟି ଟେକା ପରି ଛଡ଼ା ଯିବ । ଏ ଟେକା ସାଧାରଣ ଟେକା ନୁହେଁ; ଏହାକୁ ବଦମାସ୍ ଶିଳା କୁହାଯାଏ । ଇଂରାଜୀରେ ସ୍ମାର୍ଟରକ୍ ।

ଗୋଟିଏ ଜିନିଷକୁ ଉପରକୁ ଟେକିନେଲେ ତା ଦେହରେ ଏକ ଶକ୍ତି ଜନ୍ମେ । ମାଧ୍ୟାକର୍ଷଣ ବିରୋଧରେ ଉପରକୁ ଉଠିଥିବାରୁ ତାକୁ ଏହି ଶକ୍ତି ମିଳିଥାଏ । ଉପରୁ ସେହି ଜିନିଷଟିକୁ ଖାଲି ଖସାଇ ଦେଲେ ମଧ୍ୟ ତାହା ଖୁବ୍ ଜୋର୍‌ରେ ତଳକୁ ଖସେ । ଯଦି ନିର୍ଦ୍ଦିଷ୍ଟ କୋଣ କରି ଖସାଯିବ, ତେବେ ତାହା ଲକ୍ଷ୍ୟଉପରେ ମଧ୍ୟ ପଡ଼ିବ । ମହାକାଶ ମଞ୍ଚରେ ଏହାକୁ କୋଣକରି ଖସାଇବାକୁ ଯନ୍ତ୍ରଥାଏ । ଯଦି ଏହି ଟେକା ବା ଶିଳାରେ ବାରୁଦ ରଖି ବିଭିନ୍ନ ଛବି ଭଳି ଆକାର କରାଯାଏ, ତେବେ ତାହା ଖସିଲାବେଳେ ବାୟୁରେ ଘଷିହୋଇ ଜଳି ଉଠିବ ଏବଂ ଠିକ୍ ବାଣପରି ବିଭିନ୍ନ ରୂପଦେଖାଇ ଖସିବ । ବାଘ, ସିଂହ ଭଳି ଯେଉଁ ରୂପରେ ବାରୁଦ ଦଉଡ଼ି ଖଞ୍ଜା ଯାଇଥିବ, ସେହିପରି ରୂପ ଦେଖାଯିବ ।

ଘଟୋତ୍କଚ ଯେଉଁ ମାୟା ଯୁଦ୍ଧକରୁଥିଲା, ତାହା ଏହି ନକ୍ଷତ୍ର ଯୁଦ୍ଧ ପରି ନୁହେଁ କି ? ସେ ବୋଧହୁଏ ମହାକାଶରେ ଆଗରୁ ଏକ ମଞ୍ଚ କରି

ରକ୍ଷିଥିଲା ଏବଂ ସେଥିରେ ଭିନ୍ନ ଭିନ୍ନ ରୂପର ବାଣ ସାଇତି ଥିଲା । ଭୂଇଁ ଉପରେ ଥାଇ ତାକୁ ଯେଉଁ ଦିଗକୁ ଇଚ୍ଛା ସେଇଆଡ଼କୁ ପକାଇବାର କୌଶଳ ମଧ୍ୟ ଜାଣିଥିଲା । ଆମେ ପଢ଼ିଛୁ କରୁକ୍ଷେତ୍ର ଉପରେ ରହି ସେ ଯୁଦ୍ଧ କରିଥିଲା ଓ ତଳକୁ ଖସିଥିଲା । ଏଥିରୁ ଜଣାଯାଉଛି ପୃଥିବୀର ବେଗ ସହିତ ତାଳ ଦେଇ ସେ ଘୂରିବାର କୌଶଳ ମଧ୍ୟ ଜାଣିଥିଲା । ଯେତେବେଳେ କର୍ଣ୍ଣ ହାତରେ ସେ ଘୂରିବା ଶକ୍ତି ହରାଇଲା, ସେତେବଳେ ପୃଥିବୀର ଆକର୍ଷଣ ବଳରେ ଖୁବ ଜୋର୍‌ରେ ଖସିଲା । ତା ଓଜନରେ ବହୁ ସୈନ୍ୟ ମରିଥିବେ; ପୁଣି ପବନରେ ଘଷିହୋଇ ଘଟୋତ୍କଚର ଶରୀର ନିଆଁପରି ଜଳି ଉଠିଲାବେଳେ ସେମାନେ ପୋଡ଼ିହୋଇ ଧ୍ୱଂସ ପାଇଥିବେ ।

ଆକାଶରୁ ଖସିଲେ ମାଧ୍ୟାକର୍ଷଣ ଯୋଗୁ ପ୍ରବଳ ବେଗ ଜାତ ହୁଏ । ଏହି ବୈଜ୍ଞାନିକ ଧାରଣା ନିଶ୍ଚୟ ମହାଭାରତ ରଚୟିତାଙ୍କର ଥିଲା । ଏହା ସାଙ୍ଗରେ ତାରକା ଯୁଦ୍ଧ କୌଶଳକୁ ମିଶାଇଲେ ଆଶ୍ଚର୍ଯ୍ୟ ଲାଗେ ସେ କିପରି ସେ କାଳରେ ଏସବୁ କଳ୍ପନା କରିଥିଲେ ।

● ● ●

# କର୍ଣ୍ଣଙ୍କ କବଚ : ଅସମ୍ଭବ କଳ୍ପନା ନୁହେଁ

ଯଦି କିଏ ନିଜ ଶକ୍ତିର ବାହାରେ ଅଧିକ ଦାନ କରେ, ଆମେ ତାକୁ ଦାନୀକର୍ଣ୍ଣ କହୁ । କିନ୍ତୁ କର୍ଣ୍ଣ ବୀର ହିସାବରେ ଯେତେ ଜଣାଶୁଣା, ଦାନୀ ହିସାବରେ ସେତେ ଆଲୋଚିତ ହୁଅନ୍ତି ନାହିଁ । ମହାଭାରତ ଯୁଦ୍ଧରେ କର୍ଣ୍ଣ ଅର୍ଜୁନଙ୍କ ସମକକ୍ଷ ଯୋଦ୍ଧା ହୋଇପାରିବେ ବୋଲି ଆଶଙ୍କା କରି ନିଜେ ଶ୍ରୀକୃଷ୍ଣ କର୍ଣ୍ଣଙ୍କୁ ପାଣ୍ଡବ ସପକ୍ଷରେ ଯିବାପାଇଁ ପ୍ରବର୍ତ୍ତାଇ ଥିଲେ । ଏଭଳି ଯୋଦ୍ଧା କର୍ଣ୍ଣ ନିଜର ଦାନୀପଣ ଯୋଗୁଁ ନିଜ ଜୀବନକୁ ବିପନ୍ନ କରିଦେଇଥିଲେ ।

କୁନ୍ତୀଙ୍କ ଗର୍ଭରୁ କର୍ଣ୍ଣ ସୂର୍ଯ୍ୟଙ୍କ ପୁତ୍ରରୂପେ ଓ ଅର୍ଜୁନ ଇନ୍ଦ୍ରଙ୍କ ପୁତ୍ରରୂପେ ଜନ୍ମ ନେଇଥିଲେ । ପାଣ୍ଡବଙ୍କ ବନବାସ ଶେଷ ହେବା ପରେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ଯୁଦ୍ଧ ନିଶ୍ଚୟ ହେବ ଭାବି ଇନ୍ଦ୍ର ଅର୍ଜୁନଙ୍କ ମଙ୍ଗଳପାଇଁ କର୍ଣ୍ଣଙ୍କୁ କବଚ କୁଣ୍ଡଳ ଦାନ ମାଗିଥିଲେ ।

ସୂର୍ଯ୍ୟ ଇନ୍ଦ୍ରଙ୍କ ଉଦ୍ଦେଶ୍ୟ ଜାଣିପାରି କର୍ଣ୍ଣଙ୍କୁ ଆଗରୁ ସତର୍କ କରାଇ ଦେଇଥିଲେ । ସ୍ୱପ୍ନରେ କହିଥିଲେ, "ବ୍ରାହ୍ମଣମାନେ ତୁମକୁ ଯାହା ମାଗନ୍ତି, ତୁମେ ଅକୁଣ୍ଠିତ ଚିତ୍ତରେ ଦାନ କର ବୋଲି ସବୁଆଡ଼େ ପ୍ରଗ୍ଭର ହୋଇଯାଇଛି । ତୁମର ଏହି ଦାନଶୀଳ ସ୍ୱଭାବ ଜାଣି ଦେବରାଜ ଇନ୍ଦ୍ର ବ୍ରାହ୍ମଣ ବେଶରେ ତମ ପାଖକୁ ଆସିବେ । କବଚ କୁଣ୍ଡଳ ଦାନ ମାଗିବେ । ଅମୃତ ମଧ୍ୟରୁ ଜନ୍ମ ହୋଇଥିବା କବଚ କୁଣ୍ଡଳ ତୁମ ଦେହରେ ମିଶି ରହିଛି । ତାହା ତୁମକୁ ଶତ୍ରୁମାନଙ୍କ ନିକଟରୁ ଅବଧ୍ୟ କରି ରଖିଛି । ଜୀବିତ ରହିବାକୁ ଇଚ୍ଛା କରୁଥିଲେ, କବଚ କୁଣ୍ଡଳ ଦାନ କର ନାହିଁ ।"

କର୍ଣ୍ଣ ସ୍ୱପ୍ନରେ ସୂର୍ଯ୍ୟଙ୍କୁ ଉତ୍ତର ଦେଇଥିଲେ, "ମୁଁ ଯଦି ପ୍ରାଣହାନିର ଆଶଙ୍କାରେ ଦାନ ଦେବାକୁ କୁଣ୍ଠା କରେ, ମୋର କୀର୍ତ୍ତି ନଷ୍ଟ ହେବ । କୀର୍ତ୍ତିହୀନ ହୋଇ ବଞ୍ଚିବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ।"

ସୂର୍ଯ୍ୟ ଉପଦେଶ ଛଳରେ କହିଥିଲେ, "ଅର୍ଜୁନ ସହିତ ତୁମର ଯୁଦ୍ଧ ଅନିବାର୍ଯ୍ୟ । ପ୍ରାଣରକ୍ଷାକାରୀ କବଚ ତୁମ ପାଖରେ ଥିବାପର୍ଯ୍ୟନ୍ତ ଅର୍ଜୁନ ତୁମକୁ ପରାଜିତ କରିପାରିବେ ନାହିଁ । ତଥାପି ତୁମେ ଯଦି ଦାନ ମନା କରିପାରିବ ନାହିଁ, ତେବେ ଅର୍ଜୁନଙ୍କୁ ପରାସ୍ତ କଲା ଭଳି ଅସ୍ତ୍ର ଇନ୍ଦ୍ରଙ୍କଠାରୁ ମାଗିନିଅ ।"

ଏ ସ୍ୱପ୍ନର କିଛିଦିନ ପରେ କର୍ଣ୍ଣ ସ୍ନାନ ସାରି ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତର୍ପଣ କରୁଥାନ୍ତି, ଇନ୍ଦ୍ର ବ୍ରାହ୍ମଣ ବେଶରେ ଉପସ୍ଥିତ ହେଲେ । ସ୍ୱଭାବବଶତଃ କର୍ଣ୍ଣ ବ୍ରାହ୍ମଣଙ୍କୁ ଦେଖି ଦାନ କରିବା ଉଦ୍ଦେଶ୍ୟରେ ତାଙ୍କ ଇଚ୍ଛା ଜାଣିବାକୁ ଚାହିଁଲେ । କବଚ କୁଣ୍ଡଳ ବ୍ୟତୀତ ଅନ୍ୟ କୌଣସି ଦାନରେ ସେ ସନ୍ତୁଷ୍ଟ ହେବେ ନାହିଁ ବୋଲି ବ୍ରାହ୍ମଣବେଶୀ ଇନ୍ଦ୍ର କହିଲେ ।

ସ୍ୱପ୍ନକୁ ମନେପକାଇ କର୍ଣ୍ଣ ଛଦ୍ମବେଶୀ ଇନ୍ଦ୍ରଙ୍କୁ ଚିହ୍ନିପାରିଲେ । କହିଲେ, "ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କରିବାପାଇଁ ମୁଁ ଯେତେବେଳେ ମୋର ପ୍ରାଣଦାନ କରିବାକୁ ପ୍ରସ୍ତୁତ ଅଛି, ପ୍ରାଣ ରକ୍ଷାକାରୀ କବଚ କୁଣ୍ଡଳକୁ ନ ଦେବି କାହିଁକି ?"

ଇନ୍ଦ୍ରଙ୍କ ଇଚ୍ଛା ଅନୁଯାୟୀ କର୍ଣ୍ଣ ନିଜ ଦେହରୁ କବଚ ଓ କୁଣ୍ଡଳ ଛିଣ୍ଡାଇ ଦେବରାଜ ଇନ୍ଦ୍ରଙ୍କୁ ପ୍ରଦାନ କଲେ । ଏଭଳି ଅକୁଣ୍ଠ ଦାନ ଦେଖି ଇନ୍ଦ୍ର କର୍ଣ୍ଣଙ୍କୁ ଇଚ୍ଛା ଅନୁଯାୟୀ ବର ମାଗିବାକୁ କହିଲେ । ସ୍ୱପ୍ନରେ କର୍ଣ୍ଣଙ୍କୁ ସୂର୍ଯ୍ୟ ଯାହା କହିଥିଲେ ତାହା ଇନ୍ଦ୍ରଙ୍କୁ ଜଣାଥିଲା । କର୍ଣ୍ଣ ମାଗିଲେ, "ମୁଁ ଜଣେ ମାତ୍ର ପ୍ରତାପଶାଳୀ ଶତ୍ରୁକୁ ଯେପରି ସଂହାର କରିପାରିବି, ସେଭଳି ଶକ୍ତିଶାଳୀ ଅସ୍ତ୍ର ମୋତେ ପ୍ରଦାନ କରନ୍ତୁ ।"

ଇନ୍ଦ୍ର ତାହା ଦେଲେ, କିନ୍ତୁ ଅସ୍ତ୍ରର ଶକ୍ତି ସମ୍ପର୍କରେ ବୁଝାଇ କହିଲେ, "ଏହି ଶକ୍ତି ଅସ୍ତ୍ର ଜଣେ ମାତ୍ର ମହାବଳୀ ଶତ୍ରୁକୁ ସଂହାର କରିପାରିବ । ଦ୍ୱିତୀୟ ଥର ପ୍ରୟୋଗ ହୋଇପାରିବ ନାହିଁ । ଅନ୍ୟ ଅସ୍ତ୍ରଦ୍ୱାରା ଯେଉଁ କାର୍ଯ୍ୟ ହୋଇପାରିବ, ସେ କାର୍ଯ୍ୟପାଇଁ ଏ ଅସ୍ତ୍ର ପ୍ରୟୋଗ କରିବ ନାହିଁ । କେବଳ ପ୍ରାଣକୁ ସଙ୍କଟ ଆସିଲେ ଏହି ଅସ୍ତ୍ର ପ୍ରୟୋଗ କରିବା ଉଚିତ ।"

କର୍ଣ୍ଣ ନିଜ ଚର୍ମରୁ କବଚକୁ ଅଲଗା କରି ଇନ୍ଦ୍ରଙ୍କୁ ଦେଇଦେଲେ । କାନରୁ କୁଣ୍ଡଳ ଛିଣ୍ଡାଇ ଦେଇଦେଲେ । ଇନ୍ଦ୍ରଙ୍କ ଆଶୀର୍ବାଦ ଯୋଗୁ କର୍ଣ୍ଣଙ୍କ ଶରୀରରୁ ରକ୍ତ ବୋହିବା ବନ୍ଦ ହୋଇଗଲା ଓ କ୍ଷତ ଚିହ୍ନ ଉଭେଇ ଗଲା ।

ମହାଭାରତ ଯୁଦ୍ଧରେ କୌରବ ପକ୍ଷର ପ୍ରଧାନ ସେନାପତି ହିସାବରେ ଭୀଷ୍ମଙ୍କ ପତନ ହେବା ପରେ ଦ୍ରୋଣ କୌରବ ସୈନ୍ୟମାନଙ୍କ ସେନାପତି ହେଲେ । ପ୍ରବଳ ଯୁଦ୍ଧରେ ଭୀମଙ୍କ ପୁତ୍ର ଘଟୋତ୍କଚ କୌରବ ସେନାବାହିନୀକୁ ଛିନ୍ନ ଭିନ୍ନ କରିଦେଲା ଓ ବହୁତ ସୈନ୍ୟ ସଂହାର କଲା । ଦୁର୍ଯ୍ୟୋଧନର ଅନୁରୋଧକ୍ରମେ କର୍ଣ୍ଣ ଘଟୋତ୍କଚକୁ ମାରିବା ଲାଗି ଇନ୍ଦ୍ରଙ୍କ ପ୍ରଦତ୍ତ ଶକ୍ତିଅସ୍ତ୍ରକୁ ପ୍ରୟୋଗ କଲେ । ଘଟୋତ୍କଚର ମୃତ୍ୟୁ ସଙ୍ଗେ ସଙ୍ଗେ ଶକ୍ତିଅସ୍ତ୍ର ଇନ୍ଦ୍ରଙ୍କ ନିକଟକୁ ଫେରିଗଲା । କର୍ଣ୍ଣ ଅର୍ଜୁନକୁ ସଂହାର କରିବାର ଯେଉଁ ଦମ୍ଭ ରଖିଥିଲେ ତହିଁରେ ସନ୍ଦେହ ଆସିଲା ।

ଦ୍ରୋଣଙ୍କ ମୃତ୍ୟୁ ପରେ କର୍ଣ୍ଣ କୌରବ ପକ୍ଷର ସେନାପତି ହେଲେ । ଅର୍ଜୁନଙ୍କ ସହିତ ପ୍ରବଳ ଯୁଦ୍ଧ କରୁଥିବା ସମୟରେ କର୍ଣ୍ଣଙ୍କ ରଥ ମାଟିରେ ଧସି ଯାଇ ଅଚଳ ହୋଇଗଲା । ରଥରୁ ଓହ୍ଲାଇ ମାଟିରୁ ଚକକୁ ବାହାର କରିବା ଲାଗି କର୍ଣ୍ଣ ଉଦ୍ୟମ କରୁଥିବାବେଳେ ଅର୍ଜୁନ ତାଙ୍କ ପ୍ରତି ଦିବ୍ୟାସ୍ତ୍ର ପ୍ରୟୋଗ କରି ମସ୍ତକ ଛେଦନ କଲେ ।

ଯାହାଙ୍କର ବାହୁ ବଳ ଉପରେ ଆସ୍ଥା ସ୍ଥାପନ କରି ଦୁର୍ଯ୍ୟୋଧନ ଆଦି କୌରବମାନେ ବିଜୟର ସ୍ୱପ୍ନ ଦେଖୁଥିଲେ, ତାଙ୍କୁ ସଂହାର କରି ପାଣ୍ଡବମାନେ ନିଜର ବିଜୟ ବିଷୟରେ ନିଶ୍ଚିନ୍ତ ହୋଇଗଲେ । କୌରବମାନେ ଅତିମାତ୍ରାରେ ହତୋତ୍ସାହ ହୋଇପଡ଼ିଲେ ।

ଯଦି କର୍ଣ୍ଣଙ୍କ ଦେହରେ କବଚ ଥାଆନ୍ତା, ଅର୍ଜୁନଙ୍କ ଅସ୍ତ୍ର ତାଙ୍କ ଦେହକୁ ଭେଦ କରିପାରି ନ ଥାନ୍ତା । ଇନ୍ଦ୍ରଙ୍କୁ ତାହା ଦାନ କରି କର୍ଣ୍ଣ ନିଜ ମୃତ୍ୟୁକୁ ଡାକି ଆଣିଥିଲେ ।

ଦେହରେ ତୀର ଭେଦ କରିପାରିବ ନାହିଁ, ସେଥିଲାଗି ଯେଉଁ ଆବରଣ କର୍ଣ୍ଣଙ୍କ ଛାତି ଓ ବେକରେ ଥିଲା ତାହାକୁ କବଚ କୁହାଯାଉଛି । ତୀର-ଅଭେଦ୍ୟ (arrow-proof) କବଚର ଆଧୁନିକରୂପେ ହେଉଚି ଗୁଳି ଅଭେଦ୍ୟ ପୋଷାକ (bulletproof vest) । ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଅଗ୍ରନଙ୍କ ଗୁଳି ମାଡ଼ରୁ ରକ୍ଷା ପାଇବା ପାଇଁ ନିଜର କୋଟ୍ ବା ସାର୍ଟ ତଳେ ଗୁଳି ବିଦ୍ଧ କରିପାରୁ ନ ଥିବା ଗୋଟିଏ ମୋଟା ଗେଞ୍ଜି ପିନ୍ଧୁଥିଲେ ।

ଆଜିକାଲି ବୈଜ୍ଞାନିକମାନେ ନୂଆ ନୂଆ ବସ୍ତୁ ତିଆରି କରିବାର କୌଶଳ ହାସଲ କରିଛନ୍ତି । ଗୋଟିଏ ମୌଳିକ ପଦାର୍ଥକୁ ଆଉ ଗୋଟିଏ ମୌଳିକ ପଦାର୍ଥସହିତ କୃତ୍ରିମଭାବରେ ମିଶାଇ ଯେଉଁ ଯେଉଁ ନୂଆ ଜିନିଷ ତିଆରି କରୁଛନ୍ତି ତାକୁ ଇଂରାଜୀରେ କମ୍ପୋଜିଟ୍ (composite) କୁହାଯାଉଛି । ଏହା ରାସାୟନିକ ପ୍ରକ୍ରିୟାରେ ତିଆରି ହୋଇଥିବା ମିଶ୍ରିତ (କମ୍ପାଉଣ୍ଡ) ବସ୍ତୁଠାରୁ ଭିନ୍ନ । କମ୍ପାଉଣ୍ଡ ପ୍ରକୃତିରେ ମଧ୍ୟ ମିଳେ । କିନ୍ତୁ କମ୍ପୋଜିଟକୁ କେବଳ ଗବେଷଣାଗାରରେ ତିଆରି କରିହେବ । ମୌଳିକ ବସ୍ତୁର ଗୁଣ ଓ ମିଶ୍ରଣର ପ୍ରକ୍ରିୟା ଉପରେ କମ୍ପୋଜିଟ୍‌ର ଅଦ୍ଭୁତ ଗୁଣ ଆସିଥାଏ । ଗୁଳି-ଅଭେଦ୍ୟ ଗେଞ୍ଜି ଏଭଳି ଏକ କମ୍ପୋଜିଟ୍ ବସ୍ତୁରେ ତିଆରି ଯେ ତହିଁରେ ଥିବା ଅଣୁଗୁଡ଼ିକର ବନ୍ଧନ ଶକ୍ତି ଖୁବ୍ ପ୍ରବଳ ଏବଂ ସେ ଶକ୍ତିକୁ ସାମାନ୍ୟ ବନ୍ଧୁକର ଗୁଳି ଛିନ୍ନ କରିପାରେ ନାହିଁ । ମୋଲରେ ଛୁଞ୍ଚିଟିଏ ସହଜରେ ଗଳିଯାଏ, କିନ୍ତୁ ଲୁହାରେ ଗଳେ ନାହିଁ; ଏହାର କାରଣ ଲୁହାର ଆଣବିକ ବନ୍ଧନ ଶକ୍ତି (atomic bond) ମୋଲଠାରୁ କଠିନତର । ବୈଜ୍ଞାନିକମାନେ ପରୀକ୍ଷା କରି କରି, ତରଳି ପାରୁ ନ ଥିବା ଅଥଚ ସୂତା ଭଳି ତନ୍ତୁ ହୋଇପାରୁଥିବା ଏକ ପ୍ରକାର କମ୍ପୋଜିଟ୍ ମାଟେରିଆଲ (ମିଶ୍ର ବସ୍ତୁ) ତିଆରି କରିପାରିଛନ୍ତି । ଆତତାୟୀର ଶିକାର ହେବାର ସମ୍ଭାବନା ଥିବା ନେତାମାନେ ଏହି ତନ୍ତୁରେ ତିଆରି ଗେଞ୍ଜି ବା ଭେଷ୍ଟ ପିନ୍ଧୁଛନ୍ତି ।

ବୁଲେଟ-ପ୍ରୁଫ୍ ଭେଷ୍ଟ ଛଡ଼ା ଗୁଳି ନ ଭେଦିବାର ଗାଡ଼ି ମଧ୍ୟ ବାହାରିଛି । ତହିଁରେ ବ୍ୟବହାର ହୋଇଥିବା କାଚ ଏହିଭଳି କୃତ୍ରିମ ବସ୍ତୁରେ ତିଆରି ହୋଇଥାଏ । ପ୍ରଭେଦ ଏତିକି ଯେ ଏହା ସୂତା ଭଳି ନମନୀୟ ନୁହେଁ ।

ପ୍ରାଚୀନ ମହାଭାରତ ଯୁଦ୍ଧରେ ଆଜିକାଲିର ଗୁଳି ଅଭେଦ୍ୟ ବସ୍ତୁ ଭଳି କୌଣସି ଉପାୟ ମୁନିଋଷି ବା ଗୁରୁମାନଙ୍କୁ ଜଣାଥିବ । ଦ୍ରୋଣ ପର୍ବରେ ଯେତେବେଳେ ଅର୍ଜୁନ ଦ୍ରୋଣଙ୍କୁ ଏଡ଼ାଇ ଦେଇ ଜୟଦ୍ରଥଙ୍କ ଆଡ଼କୁ ପ୍ରବଳ ବେଗରେ ରଥ ଚାଳନା କଲେ, ସେତେବେଳେ ଦୁର୍ଯୋଧନ ଅର୍ଜୁନଙ୍କୁ ରୋକିବା ପାଇଁ ଦ୍ରୋଣଙ୍କୁ ପ୍ରାର୍ଥନା କଲେ । ଦ୍ରୋଣ କହିଲେ, "ମୁଁ ଯୁଧିଷ୍ଠିରଙ୍କୁ ବନ୍ଦୀ କରିବାକୁ ଚେଷ୍ଟା କରୁଛି । ତୁମେ ଅର୍ଜୁନର ଗତିରୋଧ କର ।" କିନ୍ତୁ ଦୁର୍ଯୋଧନ ନିଜକୁ ଅସମର୍ଥ ମଣିବାରୁ ଦ୍ରୋଣ ମନ୍ତ୍ରୋଚ୍ଚାରଣ କରି ଦୁର୍ଯୋଧନଙ୍କୁ ଗୋଟିଏ କବଚ ପିନ୍ଧାଇଦେଲେ । ଏହା ଥିଲେ କୌଣସି ଅସ୍ତ୍ର ତାଙ୍କ ଶରୀରକୁ

ବିଦ୍ଧ କରିପାରିବ ନାହିଁ । ଦ୍ରୋଣଙ୍କ ମନ୍ତ୍ରୋଚ୍ଚାରଣ ଆଜିକାଲିର ବସ୍ତୁ-ନିର୍ମାଣ ବିଦ୍ୟା (material engineering) ସହିତ ସମାନ ଏବଂ ତାଙ୍କ କବଚ ଆଜିକାଲିର ବୁଲେଟ୍ ପ୍ରୁଫ୍ ଭେଷ୍ଟ ଭଳି ଗୋଟିଏ ଜିନିଷ ।

ଯଦି ଏ ପ୍ରକାର ନିର୍ମାଣ କୌଶଳ ମହାଭାରତ ଯୁଗରେ ନ ଥିଲା, ତେବେ ମହାଭାରତର ରଚୟିତା ଏଭଳି କବଚର ଧାରଣା କେଉଁଠୁ ପାଇଲେ ? ସେଥି-ଲାଗି ବେଶି ଦୂର ଦଉଡିବାକୁ ପଡ଼ିବ ନାହିଁ । ଗେଣ୍ଡା, କଙ୍କଡ଼ା ଆଦି ଜୀବକୁ ଦେଖିଲେ ମନରେ ଚିନ୍ତା ଆସେ ଯେ ଏହି ଜନ୍ତୁଗୁଡ଼ିକ ଗୋଟିଏ ଗୋଟିଏ ଅଭେଦ୍ୟ ଖୋଳ ଭିତରେ ରହିଛନ୍ତି । ଏମାନଙ୍କ ପଞ୍ଜର ଦେହର ବାହାରେ । କଇଁଛ, ଆର୍ମାଡିଲୋ (ବଜ୍ରକାପ୍ତା) ଭଳି କେତେକ ଜୀବର ପିଠିଚମ ତଳେ ଗୋଟିଏ ହାଡ଼ର ଢାଲ ଥାଏ । କୁମ୍ଭୀର, ଗଣ୍ଡାର ଆଦି ଜୀବଙ୍କ ପିଠିରେ ଖଣ୍ଡ ଖଣ୍ଡ ହାଡ଼ଥାଳି ଥାଏ । ସାଧାରଣ ବନ୍ଧୁକର ଗୁଳିରେ ଏମାନଙ୍କ ପିଠି କଣା ହେବା କଷ୍ଟକର । ଏଭଳି ଜନ୍ତୁକୁ ଦେଖି ଦେଖି ଯୋଦ୍ଧାପାଇଁ ଗୋଟିଏ ସମଧର୍ମୀ ଢାଲ ବା କବଚ କଳ୍ପନା କରିବା ଲେଖକ ପକ୍ଷରେ ଅସମ୍ଭବ ନୁହେଁ । ଆଜିକାଲି ମଣିଷ ବାୟୋଟେକ୍‌ନୋଲଜି ବା ନୂଆ-ଜୀବସୃଷ୍ଟି ବିଦ୍ୟା ହାସଲ କରିପାରିଛି । ବିଭିନ୍ନ ପ୍ରକାର ବଂଶଗୁଣ ଥିବା ଏକାଧିକ ପ୍ରାଣୀଙ୍କ ବଂଶଲକ୍ଷଣ କୋଷ (ଜିନ-genes) ଏକତ୍ର କରି ଉପଯୁକ୍ତ ମାଧ୍ୟମରେ (culture) ବଢ଼ାଇ ଅଭୁତ ଗୁଣର ନୂଆ ଜୀବ ଗଢ଼ାଯାଇ ପାରୁଛି । କର୍କଟ ରୋଗ ନ ହେବା ମୂଷା, ଛେଳି, ମେଣ୍ଢାର ଜିନ ମିଶି ଛେଣ୍ଡା (geep ବା goat ଓ sheepର ମିଶ୍ରଣ) ଭଳି ପ୍ରାଣୀ ତିଆରି କରାଗଲାଣି । କଇଁଛ ବା ବଜ୍ରକାପ୍ତାର ଜିନ ଯଦି ମଣିଷ ଭ୍ରୁଣରେ ମିଶାଯାଇପାରନ୍ତା, ସମ୍ଭବତଃ ମଣିଷ ପିଠିରେ ହାଡ଼ର ଢାଲ ତିଆରି ହୁଅନ୍ତା । ଏପରି ଢାଲ ପିଠିରେ ନ ହୋଇ, ଛାତିରେ କରାଇବାପାଇଁ ବୋଧହୁଏ ଆହୁରି ଉନ୍ନତ ଜୀବ-ନିର୍ମାଣ-ବିଦ୍ୟା ଦରକାର ହେବ ।

ଦୁର୍ଯ୍ୟୋଧନକୁ ଦ୍ରୋଣ ଦେଇଥିବା କବଚ ବାହାରୁ ଆଣି ଲଗାଯାଇ-ଥିଲା । କର୍ଣ୍ଣଙ୍କୁ ସୂର୍ଯ୍ୟ ପ୍ରଦାନ କରିଥିବା କବଚ ଜନ୍ମରୁ ତାଙ୍କସହିତ ଥିଲା । ତେଣୁ ସେ ନିଜ ଦେହରୁ କବଚ ଚିରି ଇନ୍ଦ୍ରଙ୍କୁ ଦାନ କରିଥିଲେ । କଇଁଛଠାରୁ ତାର ପିଠିର ଢାଲକୁ କାଢ଼ି ଦେଲା ପରେ କଇଁଛକୁ ବଞ୍ଚାଇବାକୁ ହେଲେ ଖୁବ୍ ସାବଧାନତାର ସହ ଶଲ୍ୟ ଚିକିତ୍ସା କରିବା ଦରକାର ପଡ଼ିବ । କର୍ଣ୍ଣ କବଚ

ଛାଲିଦେଲା ପରେ ତାଙ୍କୁ ବଞ୍ଚାଇ ରଖିବାର ବିଦ୍ୟା ଇନ୍ଦ୍ରଙ୍କୁ ଜଣାଥିଲା ବୋଲି କହିବାକୁ ପଡ଼ିବ । ତେଣୁ ମହାଭାରତ ରଚୟିତା କହିଛନ୍ତି, ଇନ୍ଦ୍ରଙ୍କ ବର ପ୍ରଭାବରୁ କର୍ଣ୍ଣଙ୍କ ଦେହର ରକ୍ତସ୍ରାବ ବନ୍ଦ ହୋଇଗଲା ଏବଂ କ୍ଷତ ଚିହ୍ନ ରହିଲା ନାହିଁ । ଏହାର ଆଉ ଗୋଟିଏ ବୈଜ୍ଞାନିକ ବିଚାର ଦିଆଯାଇପାରେ । ହୃତ୍‌ପିଣ୍ଡ ଅକ୍ଷମ ହୋଇ ଆସୁଥିବା ରୋଗୀଙ୍କ ଦେହର ଚର୍ମ ତଳେ ଯେପରି ପେସ୍ ମେକର ବା ହୃଦଯନ୍ତ୍ର-ଚାଳକଯନ୍ତ୍ର ଲଗାଯାଉଛି, କିମ୍ବା ନଷ୍ଟ ହୋଇଯାଇଥିବା କୌଣସି ଅଙ୍ଗ ବଦଳରେ ରୋଗୀ ଦେହରେ ଯେପରି କୃତ୍ରିମ ଅଙ୍ଗ-ରୋପଣ କରାଯାଉଛି, ସେହି-ଭଳି ପ୍ରକ୍ରିୟାରେ ସୂର୍ଯ୍ୟ କର୍ଣ୍ଣଙ୍କ ଚର୍ମ ତଳେ ତୀର-ଅଭେଦ୍ୟ ସ୍ତର ରୋପଣ କରିଥାଇପାରନ୍ତି ।

ଏଭଳି କଷ୍ଟସାଧ୍ୟ, ବ୍ୟୟସାଧ୍ୟ ଓ ଅସମ୍ଭବପ୍ରାୟ କୌଶଳ ବ୍ୟବହାର କରାହେବା ନିଶ୍ଚୟ ବିରଳ ହେବ । ତେଣୁ ମହାଭାରତରେ କେବଳ କର୍ଣ୍ଣଙ୍କଠାରେ ଏହା ଦେଖାଇ ଦିଆଯାଇଛି । ପାଞ୍ଚ ହଜାର ବର୍ଷ ପରର ବିଜ୍ଞାନର ଅଗ୍ରଗତି ଫଳରେ ଯାହା ଘଟିବା ସମ୍ଭବ ମନେହେଉଛି, ତାହା ଯେ ମହାଭାରତ ରଚୟିତା ବ୍ୟାସଦେବ ଭାବିପାରିଥିଲେ, ଏହା ହିଁ ଆଶ୍ଚର୍ଯ୍ୟ ।

● ● ●

# ଯୁଧିଷ୍ଠିରଙ୍କ ରଥ ଓ ହୋଭରକ୍ରାଫ୍ଟ

କର୍ଣ୍ଣଙ୍କର ଶକ୍ତି-ଅସ୍ତ୍ରରେ ଘଟୋତ୍କଚର ମୃତ୍ୟୁ ହେବାରୁ ତାର ପିତା ଭୀମ ଓ ଅନ୍ୟ ପାଣ୍ଡବମାନେ ଶୋକାକୁଳ ହୋଇପଡ଼ିଲେ, ମାତ୍ର ଶ୍ରୀକୃଷ୍ଣ ଟିକେ ହସି ଦେଇଥିଲେ । ଏହାର କାରଣରେ ସେ କହିଥିଲେ, "ଯାହାହେଉ ଅର୍ଜୁନ ରକ୍ଷା ପାଇଗଲେ । ନୋହିଲେ ଇନ୍ଦ୍ରଙ୍କଠାରୁ ପାଇଥିବା ଏହି ଶକ୍ତି-ଅସ୍ତ୍ରରେ କର୍ଣ୍ଣ ଅର୍ଜୁନଙ୍କୁ ମାରିଥାନ୍ତା ।"

ତଥାପି ଯୁଦ୍ଧର ଭୟାବହତା କମିଲା ନାହିଁ । ଦ୍ରୋଣ ତାଙ୍କ ଧନୁରୁ ଅନବରତ ଶର ନିକ୍ଷେପ କରି ପାଣ୍ଡବମାନଙ୍କ ମଧ୍ୟରେ ଆତଙ୍କ ଖେଳାଇଦେଲେ ।

ଏହା ଦେଖି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, "ଦ୍ରୋଣଙ୍କୁ ଜୟ କରିବାପରି ଲୋକ ଜଗତରେ ନାହିଁ । ତାଙ୍କ ହାତରେ ଅସ୍ତ୍ରଶସ୍ତ୍ର ଥିବାପର୍ଯ୍ୟନ୍ତ ତାଙ୍କୁ ଜୟ କରିବା ଅସମ୍ଭବ ।"

ଏହା ଶୁଣି ଅର୍ଜୁନ ଦ୍ରୋଣଙ୍କୁ ପରାସ୍ତ କରିବାର ଉପାୟ ପଚାରିଲେ । ଶ୍ରୀକୃଷ୍ଣ କହିଲେ, "ଯେପର୍ଯ୍ୟନ୍ତ ତୁମେ ଧର୍ମ ମାର୍ଗ ଅନୁଯାୟୀ ଯୁଦ୍ଧ କରୁଥିବ, ସେ ପର୍ଯ୍ୟନ୍ତ ତାଙ୍କୁ ଜୟ କରିହେବ ନାହିଁ । ଧର୍ମ ମାର୍ଗ ତ୍ୟାଗ କରି ଅନ୍ୟ ଉପାୟ ଗ୍ରହଣ କରିବାକୁ ପଡ଼ିବ ।"

କି ଉପାୟ କରିବାକୁ ପଡ଼ିବ ଜାଣିବାକୁ ଅର୍ଜୁନ ଉତ୍ସୁକ ହୋଇ ଚାହିଁ ରହିଲେ ।

ଶ୍ରୀକୃଷ୍ଣ ପୁଣି ଆରମ୍ଭ କଲେ, "ତାଙ୍କର ପ୍ରିୟ ପୁତ୍ର ଅଶ୍ୱତ୍ଥାମା ମୃତ ବୋଲି ଯଦି ଶୁଣନ୍ତି, ଦ୍ରୋଣ ଅସ୍ତ୍ର ତ୍ୟାଗ କରି ଯୁଦ୍ଧରୁ ବିରତ ହେବେ ।"

ଅର୍ଜୁନ କେବେ ଭାବି ନ ଥିଲେ ଯେ ଶ୍ରୀକୃଷ୍ଣ ଛଳନାର ଆଶ୍ରୟ ନେବେ । ଅଧର୍ମ ଯୁଦ୍ଧ ତ ଦୂରର କଥା!, ଗୁରୁଙ୍କୁ ମିଥ୍ୟା କହିବାପାଇଁ ସେ ଆଦୌ ରାଜି ହେଲେ ନାହିଁ ।

ଶ୍ରୀକୃଷ୍ଣ ବୁଝାଇଲେ, "ଅଧର୍ମ ଯୁଦ୍ଧରେ ଦ୍ରୋଣ ଅନ୍ୟାୟୀ କୌରବମାନଙ୍କ ପକ୍ଷ ନେଇଛନ୍ତି, ତେଣୁ ତାଙ୍କ ପ୍ରତି ଅଧର୍ମ ଆଚରଣ କଲେ ଅନ୍ୟାୟ ହେବ ନାହିଁ। ତାଛଡ଼ା, ଦ୍ରୋଣ ଯୁଦ୍ଧକ୍ଷେତ୍ରରେ ଥିବାପର୍ଯ୍ୟନ୍ତ କୌରବମାନଙ୍କୁ ହରାଇ ହେବ ନାହିଁ । କୌରବମାନଙ୍କୁ ହରାଇବାପାଇଁ ଯଦି ଏ ନ୍ୟାୟ ଯୁଦ୍ଧର ଲକ୍ଷ୍ୟ, ଦ୍ରୋଣଙ୍କୁ ପରାସ୍ତ କରିବାପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିବା ସଙ୍ଗତ ହେବ ।

ଶ୍ରୀକୃଷ୍ଣଙ୍କ ମନ୍ତ୍ରଣାରେ ସବୁ ପାଣ୍ଡବ ରାଜି ହେଲେ । କିନ୍ତୁ ଶ୍ରୀକୃଷ୍ଣ ସାବଧାନ କରିଦେଲେ, ଅଶ୍ୱତ୍ଥାମା ମୃତ ହୋଇଥିବା କଥା ଦ୍ରୋଣ କେବେ ବିଶ୍ୱାସ କରିବେ ନାହିଁ । ସତ୍ୟତା ପରୀକ୍ଷା କରିବାପାଇଁ ସେ ଧର୍ମରାଜ ଯୁଧିଷ୍ଠିରଙ୍କୁ ପଚାରିବାକୁ ଆସିବେ । ସେତେବେଳେ ଯୁଧିଷ୍ଠିର ଯେପରି ହଁ କରନ୍ତି ।

ଯୁଧିଷ୍ଠିର ମିଛ କହିବେ ନାହିଁ ବୋଲି ସମସ୍ତେ ଜାଣନ୍ତି । ତେଣୁ ଶ୍ରୀକୃଷ୍ଣ ଉପାୟ କଲେ ଯେ ଭୀମ ଅଶ୍ୱତ୍ଥାମା ନାମକ ହାତୀଟିକୁ ମାରିଦେଇ ଅଶ୍ୱତ୍ଥାମା ମରିଗଲା ବୋଲି ପ୍ରଚାର କରିବେ । ଦ୍ରୋଣ ଯୁଧିଷ୍ଠିରଙ୍କଠାରୁ ସତ୍ୟତା ପରୀକ୍ଷା କରିବାପାଇଁ ଆସିଲେ ଯୁଧିଷ୍ଠିର କହିବେ ଅଶ୍ୱତ୍ଥମା ମରିଗଲା ।

ଯୁଦ୍ଧରେ ଜୟଲାଭ କରିବାର ଆଶାନେଇ ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ଯୋଜନା ଅନୁଯାୟୀ କାର୍ଯ୍ୟ କଲେ । ଭୀମ ତାଙ୍କ ଗଦାରେ ଅଶ୍ୱତ୍ଥାମା ନାମକ ହାତୀଟିକୁ ମାରିଦେଲେ । ଦ୍ରୋଣଙ୍କ ଆଗକୁ ଯାଇ ପାଟି କଲେ 'ଅଶ୍ୱତ୍ଥାମା ମୃତ' ।

ଦ୍ରୋଣ କେବେ ଭାବି ନ ଥିଲେ ତାଙ୍କ ପୁତ୍ର ଅଶ୍ୱତ୍ଥାମା ଭଳି ଜଣେ ଅଜେୟ ବୀର ଏତେ ଶୀଘ୍ର ମୃତ୍ୟୁବରଣ କରିଥିବ । ତଥାପି ସେ ହତୋତ୍ସାହ ହୋଇପଡ଼ିଲେ । ପ୍ରିୟ ପୁତ୍ରର ମୃତ୍ୟୁ ସମ୍ବାଦ ତାଙ୍କୁ ଶୋକାକୁଳ କରିପକାଇଲା । ଘଟନାଟି ସତ୍ୟ କି ନୁହେଁ ଜାଣିବାପାଇଁ ସେ ଯୁଧିଷ୍ଠିରଙ୍କ ନିକଟକୁ ଗଲେ । ସେ ନିଶ୍ଚିନ୍ତ ଥିଲେ ଯେ ଯେତେ ପ୍ରଲୋଭନ ପାଇଲେ ମଧ୍ୟ ଯୁଧିଷ୍ଠିର କେବେ ମିଛ କହିବେ ନାହିଁ ।

ଦ୍ରୋଣଙ୍କୁ ନିକଟରେ ଦେଖି ଯୁଧିଷ୍ଠିର ଇତସ୍ତତଃ ହୋଇଗଲେ ।

କାଳେ ସେ ସତ କହିଦେବେ ଭାବି ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଶୁଣାଇ କହିଲେ, "ଦ୍ରୋଣ ଆଉ ଅଧ ଦିନ ମାତ୍ର ଜୀବିତ ରହିଲେ ପାଣ୍ଡବମାନେ ବିନାଶ ପାଇଯିବେ । ପ୍ରାଣରକ୍ଷା କରିବାପାଇଁ ମିଛ କହିବା ଅନ୍ୟାୟ ନୁହେଁ ।"

ଭୀମ ମଧ୍ୟ କହିଲେ, "ମୁଁ ଯେତେ କହିଲେ ଆଚାର୍ଯ୍ୟ ଦ୍ରୋଣ ବିଶ୍ୱାସ କରୁନାହାନ୍ତି । ଆପଣ କହିଲେ ବିଶ୍ୱାସ କରିବେ ।"

ଯୁଦ୍ଧରେ ଜୟଯୁକ୍ତ ହେବାପାଇଁ ଆତୁର ଥିବାରୁ ଯୁଧିଷ୍ଠିର ବଡ଼ ପାଟିରେ କହିଲେ, "ଅଶ୍ୱତ୍ଥାମା ମରିଛି" କିନ୍ତୁ ପରେ ପରେ ଆସ୍ତେ କହିଲେ, "ଏହି ନାମରେ ହାତୀଟିଏ ମରିଛି ।"

ସେପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ରଥ ଭୂଇଁଠାରୁ ଚାରି ଅଙ୍ଗୁଳି ଉଚ୍ଚରେ ରହିଥିଲା । ଯୁଧିଷ୍ଠିର ଯେମିତି ମିଛ କହିଛନ୍ତି, ତାଙ୍କ ରଥ ଓ ଘୋଡ଼ା ତଳକୁ ଖସି ଆସିଲେ ଏବଂ ଭୂଇଁ ଛୁଇଁଲେ ।

ପୁତ୍ରର ମୃତ୍ୟୁ ସମ୍ବାଦ ସତ ଜାଣି ଦ୍ରୋଣ ଯୁଦ୍ଧ ତ୍ୟାଗ କଲେ । ଭୂଇଁରେ ବସି ଧ୍ୟାନମଗ୍ନ ହେଲେ । ସଞ୍ଜୟ, ଅଶ୍ୱତ୍ଥାମା, ଅର୍ଜୁନ, ଶ୍ରୀକୃଷ୍ଣ ଓ ଯୁଧିଷ୍ଠିର– ଏହି ପାଞ୍ଚଜଣଙ୍କୁ ଜଣାଗଲା ଯେ ଦ୍ରୋଣଙ୍କ ଶରୀରରୁ ଜ୍ୟୋତି ବାହାରିଯାଇ ବ୍ରହ୍ମରେ ମିଶିଗଲା । ଅନ୍ୟମାନେ କେହି ଏହା ଜାଣିପାରିଲେ ନାହିଁ । ଦ୍ରୋଣ ତପସ୍ୟା କରୁଛନ୍ତି ବୋଲି ସେମାନେ ଭାବୁଥିଲେ ।

ପ୍ରତିଶୋଧ ନେବାଲାଗି ପ୍ରତିଜ୍ଞା କରିଥିବା ଧୃଷ୍ଟଦ୍ୟୁମ୍ନ ଏହି ଅବସରରେ ଦ୍ରୋଣଙ୍କ ମୁଣ୍ଡକୁ କାଟି କାନ୍ଧରୁ ଅଲଗା କରିଦେଲେ ।

ମହାଭାରତରେ ଏହି କାହାଣୀଟିରେ ଗୋଟିଏ ଛୋଟ କଥା ଭଳି ଜଣାଯାଉଥିବା ଘଟଣାକୁ ଆମେ ଭୁଲିଯାଉ । ଯୁଧିଷ୍ଠିରଙ୍କ ରଥ ଭୂଇଁରୁ ଚାରି ଆଙ୍ଗୁଳ ଉଚ୍ଚରେ ଯାଉଥିଲା । ସେ ମିଛ କହିବାମାତ୍ରେ ରଥଟି ଭୂଇଁ ଛୁଇଁଲା । କିନ୍ତୁ ଏପରି ଘଟଣା ସମ୍ଭବ କି ?

ଗାଡ଼ି ପ୍ରବଳ ବେଗରେ ଚାଲିଲା ବେଳେ ବେଳେ ଚକ ଭୂଇଁରେ ଲାଗେ ନାହିଁ; କିନ୍ତୁ ଯୁଧିଷ୍ଠିରଙ୍କ ରଥର ଚକ ତ ସବୁବେଳେ ଭୂଇଁରୁ ଉପରେ ରହୁଥିଲା । ଯେପର୍ଯ୍ୟନ୍ତ ସେ ସତ କହୁଥିଲେ, ସେପର୍ଯ୍ୟନ୍ତ ରଥ ଭୂଇଁରୁ ଚାରି ଅଙ୍ଗୁଳି ଉପରେ, ରହି ଚାଲୁଥିଲା । ଏହା ହେଲା କିପରି ?

ଆଜିକାଲି ପାଶ୍ଚାତ୍ୟ ଦେଶମାନଙ୍କରେ ବଡ଼ ବଡ଼ ନଦୀ ବା ସଂକୀର୍ଣ୍ଣ ସମୁଦ୍ର ପାର ହେବାପାଇଁ 'ହୋଭରକ୍ରାଫ୍ଟ' ବ୍ୟବହୃତ ହେଉଛି । ଏହାକୁ

ଉଡ଼ନ୍ତା ଜଳଜାହାଜ କୁହାଯାଇପାରେ । ଏହି ଯାନର ଆକାର ପିଲାମାନେ ପାଣିରେ ଖେଳନା ଭଳି ବ୍ୟବହାର କରୁଥିବା ଟିଣ ଡଙ୍ଗା ଭଳି । ଯାନର ତଳ ଅଂଶ ଚେପ୍‌ଟା ପେଟ ଚାରିପଟେ ଘାଗରା ଭଳି ରବର ପେଟି ଘେରି ରହିଥାଏ । ଚାଲୁ ନ ଥିଲା ବେଳେ ଏହା ସମତଳ ମାଟି ଉପରେ ବସି ରହିଥାଏ । ଇଞ୍ଜିନ ଚାଲୁ ହେଲେ ଯାନର ପେଟତଳୁ ବହୁତ ଜୋର୍‌ରେ ପବନ ଛାଡ଼େ । ପ୍ରବଳ ଚାପରେ ଯାଉଥିବା ପବନ ରବର ଘାଗରାକୁ ଠେଲି ବାହାରି ଯିବାପାଇଁ ଚାହେଁ । ତେଣୁ ଚାପରେ ଥିବା ପବନ ଯାନଟିକୁ ଭୂଇଁ ଉପରକୁ ଟେକି ରଖେ ।

ଭୂମି ସମତଳ ଥିଲେ ରବର ଘାଗରାଟି ଚାରିଦିଗରେ ଭୂଇଁକୁ ଛୁଇଁ ଗୋଟିଏ କାନ୍ଥ ଭଳି ପବନକୁ ଧରି ରଖେ । ସେହି ପବନ ଗଦି ଉପରେ ଯାନଟି ଥିବାବେଳେ ଯାନ ଉପର ଅଂଶରେ ଥିବା ପ୍ରପେଲରଗୁଡ଼ିକ ଯାନଟିକୁ ଆଗେଇ ନିଏ । ପ୍ରପେଲରଗୁଡ଼ିକ ଉଡ଼ାଜାହାଜର ଇଞ୍ଜିନଭଳି କାମ କରେ ।

ବିଲାତର ବିଭିନ୍ନ ଦ୍ୱୀପମାନଙ୍କ ମଧ୍ୟରେ ଥିବା ସଂକୀର୍ଣ୍ଣ ସମୁଦ୍ରକୁ ଅତିକ୍ରମ କରିବା ପାଇଁ ବିଲାତ ସରକାର ହୋଭରକ୍ରାଫ୍‌ଟି ବ୍ୟବହାର କରନ୍ତି ।

ଭୂ ବା ଜଳପୃଷ୍ଠରୁ କିଛି ଉପରେ ଭାସିଲା ଭଳି ଏହି ଯାନଟି ଚାଲିବା ଲାଗି ତା ତଳେ ଥିବା ଭୂଇଁ ବା ଜଳ ସମତଳ ରହିବା ଦରକାର । ବଡ଼ ଢେଉ ହେଉଥିବା ସମୁଦ୍ର ବା ଉଚ୍ଚ ନୀଚ ଜମି ଉପରେ ଯାନଟି ଗଲେ ରବର ଘାଗରା ତଳେ ଫାଙ୍କା ହୋଇଯିବ, ତେଣୁ ପବନ ବାହାରି ଯିବ । ସେତେବେଳେ ଯାନଟି ପାଣି ବା ଭୂଇଁ ଉପରେ ପିଟି ହୋଇଯିବ ।

ଯୁଧିଷ୍ଠିର ମିଛ କହିବାବେଳେ ନିଶ୍ଚୟ ଅନ୍ୟମନସ୍କ ହୋଇଯାଇଥିବେ ଏବଂ ରଥଚାଳକଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାରେ ହେଳା କରିଥିବେ । ତାଙ୍କ ଗାଡ଼ିତଳେ ଥିବା ପବନ ଗଦି କାମ କରି ନଥିବ; ପବନ ବାହାରିଗଲେ ରଥ ଭୂଇଁରେ ଲାଗିଯାଇଥିବ । ମହାଭାରତ ଯୁଗରେ ଆଜିକାଲିର ହୋଭରକ୍ରାଫ୍‌ଟ ଭଳି ଯାନ ନ ଥିଲା ସତ, କିନ୍ତୁ ହୋଭରକ୍ରାଫ୍‌ଟ ଯେଉଁ ନିୟମରେ ତିଆରି, ସେହି ନିୟମରେ ଯୁଧିଷ୍ଠିରଙ୍କ ରଥ ତିଆରି ହୋଇଥିବ । ଯଦି ତାହା ବି କଳ୍ପନା ହୁଏ ତେବେ ମହାଭାରତର ରଚୟିତା ଆଧୁନିକ ହୋଭରକ୍ରାଫ୍‌ଟ ନିୟମଭଳି ତତ୍ତ୍ୱ ଚିନ୍ତା କରିଥିଲେ ଏବଂ ଜାଣିଥିବେ ଯେ ବାୟୁଚାପ ବଳରେ ଯେ କୌଣସି ଯାନ ଭୂଇଁ ଉପରକୁ ଉଠି ମଧ୍ୟ ଚାଲିପାରିବ ।